ସେବା, ସୁଶାସନ, ଗରିବ କଲ୍ୟାଣର ୧୧ ବର୍ଷ

- କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ

ସ୍ୱତନ୍ତ୍ର ସ୍ତମ୍ଭ ପୃଷ୍ଠା ୬-୯

ବର୍ଷ ୬, ସଂଖ୍ୟା ୦୧

ଜୁଲାଇ ୧-୧୫, ୨୦୨୫

ନିଶୁଳ୍କ ବିତରଣ ଲାଗି

ନ୍ୟୁ ଇଣ୍ଡିଆ ସମାଚାର

ଅର୍ଥବ୍ୟବସ୍ଥାର ଉଚ୍ଚତର ଲମ୍ଫ

ଜାପାନକୁ ପଛରେ ପକାଇ ଭାରତ ବିଶ୍ୱର ଚତୁର୍ଥ ସର୍ବବୃହତ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି ଏବଂ ୪.୧୯ ଲକ୍ଷ କୋଟି ଡଲାରର ଜିଡିପି ସୃଷ୍ଟି କରିଛି

ବିଶ୍ୱ ଜନସଂଖ୍ୟା ଦିବସ – ୧୧ ଜୁଲାଇ

ଜନଗଣନା ୨୦୨୭

ଆମେ, ଭାରତର ଲୋକମାନେ, ୧୬ ବର୍ଷ ପରେ ଏକ ଜନଗଣନାର ଅଂଶ ହେବା

୧୯୮୯ ମସିହାରେ, ଜାତିସଂଘ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରିବାକୁ ଘୋଷଣା କରିଥିଲା ; ସେବେଠାରୁ, ପ୍ରତିବର୍ଷ ୧୧ ଜୁଲାଇରେ ସାରା ବିଶ୍ୱରେ ଏହି ଦିବସ ପାଳନ କରାଯାଇ ଆସୁଛି। ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ଜନସଂଖ୍ୟା ଭାରତରେ ବସବାସ କରନ୍ତି । ସମ୍ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟର ରାଜନୈତିକ ବ୍ୟାପାର କମିଟି ଆଗାମୀ ଜନଗଣନାରେ ଜାତିଭିତ୍ତିକ ଗଣନା ଅନ୍ତର୍ଭୁକ୍ତ କରିବାକୁ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ଅର୍ଥନୈତିକ ଏବଂ ସାମାଜିକ ଭାବରେ ପଛୁଆ ବର୍ଗକୁ ସଶକ୍ତ କରିବ ଏବଂ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବ...

ଜନଗଣନା ୨୦୨୧

ଦୁଇଟି ପର୍ଯ୍ୟାୟରେ ପ୍ରସ୍ତାବିତ ହୋଇଥିଲା, କିନ୍ତୁ ଅନ୍ତର୍ଜାତୀୟ ସ୍ତରରେ କୋଭିଡ୍ - ୧୯ ମହାମାରୀ ପ୍ରକୋପ ଯୋଗୁଁ, ଜନଗଣନାକୁ ସ୍ଥଗିତ ରଖିବାକୁ ପଡିଲା।

ଜନଗଣନା-୨୦୨୭

- ଦୁଇଟି ପର୍ଯ୍ୟାୟରେ କରାଯିବ।
- ଲଦାଖ ଏବଂ କେନ୍ଦ୍ରଶାସିତ ପ୍ରଦେଶ ଜାମ୍ମୁ ଓ କାଶ୍ମୀର ଏବଂ ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ ରାଜ୍ୟର ତୁଷାରପାତହୀନ ଅଞ୍ଚଳ ପାଇଁ ରେଫରେନ୍ସ ତାରିଖ ୧ ଅକ୍ଟୋବର, ୨୦୨୬ ହେବ।
- ଦେଶର ବାକି ଅଂଶ ପାଇଁ ରେଫରେନ୍ସ ତାରିଖ ୧ ମାର୍ଚ୍ଚ, ୨୦୨୭ ହେବ।

ନ୍ୟୁ ଇଣ୍ଡିଆ ସମାଚାର

ବର୍ଷ ୬, ସଂଖ୍ୟା ୦୧ । ଜୁଲାଇ ୧-୧୫, ୨୦୨୫

ମୁଖ୍ୟ ସମ୍ପାଦକ
ଧୀରେନ୍ଦ୍ର ଓଝା
ପ୍ରମୁଖ ମହାନିର୍ଦ୍ଦେଶକ
ପତ୍ର ସୂଚନା କାର୍ଯ୍ୟାଳୟ, ନୂଆଦିଲ୍ଲୀ

ମୁଖ୍ୟ ଉପଦେଷ୍ଟା ସମ୍ପାଦକ
ସନ୍ତୋଷ କୁମାର

ଉପଦେଷ୍ଟା ସମ୍ପାଦକ
ଭିବୋର ଶର୍ମା

ବରିଷ୍ଠ ସହାୟକ ଉପଦେଷ୍ଟା ସମ୍ପାଦକ
ପୱନ କୁମାର

ଅତିରିକ୍ତ ଉପଦେଷ୍ଟା ସମ୍ପାଦକ
ଅଖିଳେଶ କୁମାର
ଚନ୍ଦନ କୁମାର ଚୌଧୁରୀ

ଭାଷା ସମ୍ପାଦକ
ସୁମୀତ କୁମାର (ଇଂରାଜୀ)
ରଜନିଶ ମିଶ୍ରା (ଇଂରାଜୀ)
ନଦୀମ ଅହମ୍ମଦ (ଉର୍ଦ୍ଦୁ)

ମୁଖ୍ୟ ଡିଜାଇନର
ଶ୍ୟାମ ତିୱାରୀ

ବରିଷ୍ଠ ଡିଜାଇନର
ଫୁଲ ଚନ୍ଦ ତିୱାରୀ

ଡିଜାଇନର
ଅଭୟ ଗୁପ୍ତା
ସତ୍ୟମ ସିଂ

୧୩ଟି ଭାଷାରେ ଉପଲବ୍ଧ ନ୍ୟୁ ଇଣ୍ଡିଆ ସମାଚାର ପଢ଼ିବା ଲାଗି କ୍ଲିକ କରନ୍ତୁ
https://newindiasamachar.pib.gov.in/news.aspx

ନ୍ୟୁ ଇଣ୍ଡିଆ ସମାଚାରର ଆର୍କାଇଭ୍ ସଂସ୍କରଣ ପଢ଼ିବା ଲାଗି କ୍ଲିକ୍ କରନ୍ତୁ
https://newindiasamachar.pib.gov.in/news.aspx

X ରେ 'ନ୍ୟୁ ଇଣ୍ଡିଆ ସମାଚାର' ଉପରେ ନିୟମିତ ଅପଡେଟ୍ ପାଇବା ଲାଗି @NISPIBIndiaକୁ ଫଲୋ କରନ୍ତୁ

ଭିତର ପୃଷ୍ଠାରେ...

ଅର୍ଥବ୍ୟବସ୍ଥାର ଅମୃତ ଯାତ୍ରା

୨୦୧୪ ପର୍ଯ୍ୟନ୍ତ ସ୍ୱାଧୀନତାର ୬୭ ବର୍ଷ ପରେ ଦେଶର ଜିଡିପି ମାତ୍ର ୨.୦୪ ଲକ୍ଷ କୋଟି ଡଲାରରେ ପହଞ୍ଚି ପାରିଥିଲା। ଦେଶର ଆର୍ଥିକ ସ୍ୱାସ୍ଥ୍ୟକୁ ମଜବୁତ କରିବା ଏବଂ ଏକ ଦୃଢ଼ ଅର୍ଥବ୍ୟବସ୍ଥାର ମୂଳଦୁଆ ନିର୍ମାଣ କରିବା ଲାଗି ସଂଖ୍ୟାଧିକ ସଂସ୍କାରର ଆବଶ୍ୟକତା ରହିଥିଲା... | ୧୪ - ୨୨



ଜାମ୍ମୁ ଏବଂ କାଶ୍ମୀର ନୂଆ ଉଚ୍ଚତା ସ୍ପର୍ଶ କରୁଛି ଭିତ୍ତିଭୂମି

ଉଧମପୁର-ଶ୍ରୀନଗର-ବାରାମୁଲା ରେଳ ଲିଙ୍କ, ବିଶ୍ୱର ସର୍ବୋଚ୍ଚ ତେନାବ ରେଳ ସେତୁ ଏବଂ ପ୍ରଥମ କେବୁଲ ଆଧାରିତ ସେତୁ, ଅଞ୍ଜି ଖାଦର ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହା ଭାରତର ବିକାଶଶିଳ ଭିତ୍ତିଭୂମିର ନୂତନ ଚମତ୍କାର। | ୨୮ - ୩୧

ସଂକ୍ଷିପ୍ତ ସମାଚାର | ୪-୫

୧୧ ବର୍ଷର ସମାବେଶୀ ବିକାଶ
କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କର ସ୍ୱତନ୍ତ୍ର ସ୍ତମ୍ଭ | ୬-୯

ବ୍ୟକ୍ତିତ୍ୱ - ଚନ୍ଦ୍ରଶେଖର
ରାଜନୀତିର ଯୁବ ଜନନାୟକ | ୧୦

ବିଶ୍ୱ ମଞ୍ଚରେ ଭାରତର ସ୍ୱର ଉପସ୍ଥାପନ କଲା ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ
ପ୍ରତିନିଧି ମଣ୍ଡଳୀର ସଦସ୍ୟଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦୀ | ୧୧-୧୩

କୌଶଳ ଭାରତ ମିଶନ
ଦକ୍ଷତା ବିକାଶ.... ଭବିଷ୍ୟତ ପାଇଁ ରୂପରେଖ | ୩୨-୩୪

କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି
ଦୁଇଟି ରେଳ ପ୍ରକଳ୍ପକୁ ମଞ୍ଜୁରି, ଯୋଗାଯୋଗକୁ ପ୍ରୋତ୍ସାହନ ଏବଂ ଦୂରତା ହ୍ରାସ | ୩୫

ଆଇସିଡିଆରଆଇ ୨୦୨୫
ବିପର୍ଯ୍ୟୟ ବିରୋଧରେ ଛିଡ଼ା ହୋଇପାରିବ ଦୁନିଆ | ୩୬-୩୭

ରାଷ୍ଟ୍ରପତି ଭବନରେ ମଧୁବନୀ କଳାକାରଙ୍କ ସମାଗମ
କଳାକାରଙ୍କୁ ଭେଟିଲେ ରାଷ୍ଟ୍ରପତି | ୪୦

ବିଶ୍ୱ ବିମାନ ପରିବହନ ଶିଖର ସମ୍ମିଳନୀ

ବିମାନ ଚଳାଚଳ ପରିଦୃଶ୍ୟରେ ଭାରତ ଦ୍ରୁତ ପ୍ରଗତି

ଆଞ୍ଚଳିକ ଯୋଗାଯୋଗ ଠାରୁ ଆରମ୍ଭ କରି ବିଶ୍ୱସ୍ତରୀୟ ବିସ୍ତାର ପର୍ଯ୍ୟନ୍ତ

ଭାରତରେ ବ୍ୟାପକ ନିବେଶ ସୁଯୋଗ ରହିଛି ବୋଲି ଅନ୍ତର୍ଜାତୀୟ ବିମାନ ପରିବହନ ସଂଘ ବୈଠକ ଏବଂ ବିଶ୍ୱ ବିମାନ ପରିବହନ ଶିଖର ସମ୍ମିଳନୀରେ କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ.... | ୩୮-୩୯

Published & Printed By: Kanchan Prasad, Director General, on behalf of Central Bureau Of Communication.
Printed At: Kaveri Print Process Pvt. Ltd. A-104, Sec-65, Noida-201301 U.P.
Communication Address: Room No–316, National Media Centre, Raisina Road, New Delhi-110001.
e-mail: response-nis@pib.gov.in, **RNI No.:** DELODI/2020/78831

ସମ୍ପାଦକଙ୍କ କଲମରୁ...

ବିଶ୍ୱର ତୃତୀୟ ବୃହତ ଅର୍ଥନୀତି
ହେବା ପଥରେ ଭାରତ

ଶୁଭେଚ୍ଛା !

ସ୍ୱାଧୀନତାର ଛଅ ଦଶନ୍ଧି ପରେ, ଭାରତ ବିଶ୍ୱର ଏକାଦଶତମ ବୃହତ ଅର୍ଥନୀତି ଥିଲା, କିନ୍ତୁ ଗତ ୧୧ ବର୍ଷର ବୈପ୍ଳବିକ ସଂସ୍କାର ଯୋଗୁଁ ଏହା ଏବେ ଚତୁର୍ଥ ବୃହତ ଅର୍ଥନୀତିରେ ପରିଣତ ହୋଇଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ୍) ରିପୋର୍ଟ ଦର୍ଶାଉଛି ଯେ ଗତ ଦଶନ୍ଧିରେ, ଭାରତ ବିଶ୍ୱର ଏକମାତ୍ର ପ୍ରମୁଖ ଅର୍ଥ ବ୍ୟବସ୍ଥା, ଯାହା ଏହାର ସମୁଦାୟ ଘରୋଇ ଉତ୍ପାଦ (ଜିଡିପି)କୁ ଦ୍ୱିଗୁଣିତ କରିଛି। ଏହାର ସବୁଠାରୁ ବଡ଼ ପ୍ରଭାବ ହେଉଛି ଯେ ୨୫ କୋଟି ଲୋକ ଦାରିଦ୍ର୍ୟରୁ ବାହାରି ଆସିଛନ୍ତି, ଯାହା ଏକ ନୂତନ ମଧ୍ୟବିତ୍ତ ଶ୍ରେଣୀ ସୃଷ୍ଟି କରିଛି। ଏହି ନବ-ମଧ୍ୟବିତ୍ତ ଶ୍ରେଣୀ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେବା ସହିତ ଅର୍ଥ ବ୍ୟବସ୍ଥାକୁ ସ୍ପନ୍ଦନଶୀଳ କରୁଛି। ଦୂରଦୃଷ୍ଟିସମ୍ପନ୍ନ ଆର୍ଥିକ ନୀତି ସହିତ ୨୦୪୭ ମସିହାରେ ବିକଶିତ ଭାରତ ସଂକଳ୍ପ ନେଇ ଦେଶ ଅମୃତ କାଳର ଯାତ୍ରା ଆଡ଼କୁ ଆଗକୁ ବଢୁଛି।

ବିଶ୍ୱର ଭାରତଠାରୁ ଉଚ୍ଚ ଆଶା ରହିଛି। ଏବେ ବିଶ୍ୱ ମଧ୍ୟ ସ୍ୱୀକାର କରୁଛି ଯେ , ଏହା ଭାରତର ଶତାବ୍ଦୀ, ଯାହା ଦ୍ରୁତ ଗତିରେ ଏବଂ ବିନା କୌଣସି ଭୟରେ ଆଗକୁ ବଢୁଛି।

ଭାରତ ଯେଉଁ ଲକ୍ଷ୍ୟ ହାସଲ କରିଛି, ଏବଂ ସଫଳତା ପାଇଛି, ତାହା ସମଗ୍ର ବିଶ୍ୱରେ ନୂତନ ଆଶା ସୃଷ୍ଟି କରିଛି। ଗତ ଦଶନ୍ଧିରେ, ଭାରତ ୧୧ ତମ ଶତାବ୍ଦୀରୁ ପଂଚମ ବୃହତ ଅର୍ଥନୀତି ହୋଇଛି, ଏବଂ ସମ୍ପ୍ରତି ଆଇଏମଏଫ୍ ରିପୋର୍ଟ ପ୍ରକାଶ କରିଛି ଯେ , ଭାରତ ଏବେ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ହୋଇଛି। ଏହା ସହିତ, ଭାରତ ଏବେ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବା ଦିଗରେ ଦ୍ରୁତ ଗତିରେ ଆଗକୁ ବଢୁଛି। ଅର୍ଥନୀତିର ଉଚ୍ଚତର ଲମ୍ଫ ଏବଂ ଏକ ରାଷ୍ଟ୍ର - ଏକ ଟିକସ - ଜିଏସଟି ବ୍ୟବସ୍ଥାର ଅଷ୍ଟମ ବାର୍ଷିକୀ, ଏଥର ଆମ ପତ୍ରିକାର ପ୍ରଚ୍ଛଦ ପ୍ରସଙ୍ଗ ହୋଇଛି।

ବ୍ୟକ୍ତିତ୍ୱ ବିଭାଗରେ, ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ମୃତ୍ୟୁ ବାର୍ଷିକୀରେ ତାଙ୍କ ବିଷୟରେ ପଢ଼ନ୍ତୁ। କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି, ଜାମ୍ମୁ ଓ କାଶ୍ମୀରର ରେଳ ସଂଯୋଗୀକରଣ ଏବଂ ପହଲଗାଓଁ ଆତଙ୍କବାଦୀ ଆକ୍ରମଣ ପରେ ଅପରେସନ ସିନ୍ଦୂର ଉପରେ ଭାରତର ମତ ଉପସ୍ଥାପନ କରିବା ପାଇଁ ବିଦେଶ ପଠାଯାଇଥିବା ଭାରତୀୟ ପ୍ରତିନିଧିମଣ୍ଡଳ ସ୍ୱଦେଶ ଫେରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ କରିଥିବା ସାକ୍ଷାତ ପ୍ରସଙ୍ଗକୁ ଏହି ସଂଖ୍ୟାରେ ଅନ୍ତର୍ଭୁକ୍ତ କରାଯାଇଛି।

ଏହା ବ୍ୟତୀତ, ଭିତର ପୃଷ୍ଠାରେ ଜୁଲାଇ ୧୧ ତାରିଖରେ ପାଳିତ ବିଶ୍ୱ ଜନସଂଖ୍ୟା ଦିବସ ଏବଂ ପଛ ପୃଷ୍ଠାରେ ଭାରତ ରତ୍ନ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କ ଜନ୍ମବାର୍ଷିକୀରେ ପାଳିତ ଡାକ୍ତର ଦିବସ ଉପରେ ସ୍ୱତନ୍ତ୍ର ବିଷୟବସ୍ତୁ ରହିଛି।

ଆପଣଙ୍କ ପରାମର୍ଶ ଆମକୁ ପଠାଇବା ଜାରି ରଖନ୍ତୁ।

(ଧିରେନ୍ଦ୍ର ଓଝା)

ହିନ୍ଦୀ, ଇଂରାଜୀ ଏବଂ ଅନ୍ୟ ୧୧ଟି ଭାଷାରେ ଉପଲବ୍ଧ ପତ୍ରିକାକୁ ପଢନ୍ତୁ/ ଡାଉନଲୋଡ୍ କରନ୍ତୁ।
https://newindiasamachar.pib.gov.in/

ଚିଠି ବାକ୍ସ

ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକାର ସମଗ୍ର ଦଳକୁ ହୃଦୟର ସହିତ ଧନ୍ୟବାଦ

ମୁଁ ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକାର ଗୁଜରାଟୀ ସଂସ୍କରଣ ପାଇଲି। ମୁଁ ଏହି ପତ୍ରିକାରେ ସାମ୍ପ୍ରତିକ ଘଟଣା, ବୈଦେଶିକ ନୀତି, ବ୍ୟକ୍ତିତ୍ୱ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ପଢ଼ିବାର ସୁଯୋଗ ପାଇଲି। ମୁଁ ଏହି ପତ୍ରିକାର ସମଗ୍ର ଦଳକୁ ହୃଦୟର ସହିତ ଧନ୍ୟବାଦ ଜଣାଉଛି। ମୁଁ ଏହି ସଂଖ୍ୟାରୁ ମୋତେ ପସନ୍ଦ ଆସୁଥିବା ତଥ୍ୟଭିତ୍ତିକ ଲେଖାଗୁଡ଼ିକୁ ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଛି।

ଅମରାଭାଇ ହରସେଙ୍ଗାଭାଇ ପଟେଲ
tramarpatel@gmail.com

ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକା ଯୋଜନାଗୁଡ଼ିକ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରେ

ମୁଁ ପ୍ରାୟ ଗୋଟିଏ ବର୍ଷ ଧରି ପାକ୍ଷିକ ପତ୍ରିକା ନ୍ୟୁ ଇଣ୍ଡିଆ ସମାଚାର ପଢି ଆସୁଛି। ପତ୍ରିକାରେ ପ୍ରକାଶିତ ଲେଖାଗୁଡ଼ିକ ଭାରତ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ପରିଚାଳିତ ଯୋଜନାଗୁଡ଼ିକ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରେ। ପତ୍ରିକାଟି ମୋତେ ନୂତନ ଯୋଜନା ଏବଂ ଏହା ସହିତ ଜଡିତ ସୂଚନା ସହ ପରିଚିତ କରାଇଛି। ମୁଁ ପତ୍ରିକାରେ ବ୍ୟବହାର ହୋଇଥିବା ଭାଷା ବହୁତ ସାବଲୀଳ ବୋଲି ଜାଣିବାକୁ ପାଇଲି।

kumar.diwakar16@gmail.com

ନ୍ୟୁ ଇଣ୍ଡିଆ ସମାଚାର ଏକ ଜ୍ଞାନ-ବର୍ଦ୍ଧକ ପ୍ରକାଶନ

ମୁଁ ମରାଠୀ ଭାଷାରେ ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକାର ଏପ୍ରିଲ ୨୦୨୫ ସଂଖ୍ୟା ପଢିବାର ସୁଯୋଗ ପାଇଲି। ଏହି ପତ୍ରିକା ଲୋକଙ୍କ ପାଇଁ ସୂଚନାପ୍ରଦ ଏବଂ ତଥ୍ୟ-ଭିତ୍ତିକ ଲେଖା ପ୍ରଦାନ କରେ। ଏହା ସରକାରଙ୍କ ନୀତି ଏବଂ ଯୋଜନା ବିଷୟରେ ସୂଚନା ପ୍ରଦାନ କରେ। ଏହି ପତ୍ରିକାରେ ସୂଚନାପ୍ରଦ ଲେଖା ପ୍ରକାଶ କରିବା ପାଇଁ ଧନ୍ୟବାଦ।

ଏସ୍.ପି. ଠାକୁର
spthakurfamily@gmail.com

ନ୍ୟୁ ଇଣ୍ଡିଆ ସମାଚାର ଏକ ତଥ୍ୟଭିତ୍ତିକ ପତ୍ରିକା

ମୁଁ ସମ୍ପ୍ରତି ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକାର କନ୍ନଡ ସଂସ୍କରଣ ପାଇଲି। ମୁଁ ଏହି ପତ୍ରିକାର ଲେଖା ପଢିବାକୁ ପାଇଲି। ଏହା ଏକ ଭଲ ପତ୍ରିକା। ଏହି ପତ୍ରିକା ତଥ୍ୟପୂର୍ଣ୍ଣ ଏବଂ ଆକର୍ଷଣୀୟ।

ବସନ୍ତ କୁମାର ପେର୍ଲା
vasanthkumarperla@gmail.com

ଏହା ସରକାରଙ୍କ ବିକାଶମୂଳକ ପଦକ୍ଷେପ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରେ

ମୁଁ ନିୟମିତ ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକା ପଢିଥାଏ। ଏହା ସୂଚନାପ୍ରଦ। ଏହା ସରକାରଙ୍କ ବିକାଶ କାର୍ଯ୍ୟକଳାପ ବିଷୟରେ ସୂଚନା ପ୍ରଦାନ କରେ। ଏହା ମୋର ବ୍ୟକ୍ତିଗତ ବିକାଶ, ଜ୍ଞାନ ଏବଂ ଦକ୍ଷତା ବିକାଶରେ ମଧ୍ୟ ସାହାଯ୍ୟ କରେ। ମୁଁ ଏହି ପତ୍ରିକା ପଢିବା ଏବଂ ଏଥିରୁ ଶିଖିବା ଉଭୟକୁ ପସନ୍ଦ କରେ।

mr.devkant@gmail.com

Communication Address : Room No–316, National Media Centre, Raisina Road, New Delhi -110001.
e-Mail: response-nis@pib.gov.in

ଅଲ୍ ଇଣ୍ଡିଆ ରେଡିଓ ଏଫ୍ ଏମ୍ ଗୋଲ୍ଡରେ ପ୍ରତି ଶନିବାର - ରବିବାର ଅପରାହ୍ନ ୩ : ୦୦ରୁ ଅପରାହ୍ନ ୩ : ୧୫ ପର୍ଯ୍ୟନ୍ତ ନ୍ୟୁ ଇଣ୍ଡିଆ ସମାଚାର ଶୁଣିବାକୁ କ୍ୟୁଆର କୋଡ୍ ସ୍କାନ୍ କରନ୍ତୁ

ଜାତୀୟ ସମାଚାର

ରେଲୱେ ତତ୍କାଳ ଟିକେଟ ବୁକିଂ ସହଜ ହୋଇଛି : ଏଜେଣ୍ଟମାନଙ୍କ ପାଇଁ ପ୍ରତିବନ୍ଧକ

ରେଳ ମନ୍ତ୍ରଣାଳୟ ତତ୍କାଳ ଟିକେଟ ବୁକିଂ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି, ଯାହା ଦ୍ୱାରା ରେଳ ଯାତ୍ରୀମାନଙ୍କୁ ନିରପେକ୍ଷ ଏବଂ ସ୍ୱଚ୍ଛ ଭାବରେ ତତ୍କାଳ ଟିକେଟ ଉପଲବ୍ଧ ହେବ। ଜୁଲାଇ ପହିଲାରୁ, କେବଳ ଆଧାର-ଯାଞ୍ଚ କରାଇଥିବା ଉପଭୋକ୍ତାମାନେ ଭାରତୀୟ ରେଳବାଇ କ୍ୟାଟରିଂ ଏବଂ ପର୍ଯ୍ୟଟନ ନିଗମ (ଆଇଆରସିଟିସି) ର ୱେବସାଇଟ୍ ଏବଂ ଆପ୍ ରେ ତତ୍କାଳ ଟିକେଟ ବୁକ୍ କରିପାରିବେ। ଏହା ସହିତ, କମ୍ପ୍ୟୁଟରାଇଜଡ୍ ପାସେଞ୍ଜର ରିଜର୍ଭେସନ ସିଷ୍ଟମ୍ (ପିଆରଏସ୍) କାଉଣ୍ଟର ଏବଂ ଅଧିକୃତ ଏଜେଣ୍ଟମାନଙ୍କ ମାଧ୍ୟମରେ ତତ୍କାଳ ଟିକେଟ୍ ବୁକିଂ ପାଇଁ ଜୁଲାଇ ୧୫ ରୁ ଉପଭୋକ୍ତାଙ୍କ ମୋବାଇଲ୍ ନମ୍ବରରେ ଓଟିପି ଯାଞ୍ଚ ଆବଶ୍ୟକ ହେବ। ତତ୍କାଳ ଟିକେଟ୍ ବୁକିଂ ରୋକିବା ପାଇଁ, ରେଳବାଇ ପ୍ରାଧିକୃତ ଟିକେଟ୍ ଏଜେଣ୍ଟମାନଙ୍କୁ ବୁକିଂ ୱିଣ୍ଡୋର ପ୍ରଥମ ୩୦ ମିନିଟ୍ ମଧ୍ୟରେ ଟିକେଟ୍ ବୁକ୍ କରିବାକୁ ଅନୁମତି ଦେଇନାହିଁ। ଏହି ପ୍ରତିବନ୍ଧକ ଏସି କ୍ଲାସ ପାଇଁ ସକାଳ ୧୦ ରୁ ୧୦.୩୦ ଏବଂ ନନ ଏସି କ୍ଲାସ ପାଇଁ ସକାଳ ୧୧ ରୁ ୧୧.୩୦ ପର୍ଯ୍ୟନ୍ତ ଲାଗୁ ହେବ। ରେଳବାଇ ଯାତ୍ରୀମାନଙ୍କୁ ଅନୁରୋଧ କରିଛି ଯେ ଆଇଆରସିଟିସି ବ୍ୟବହାରକାରୀମାନେ ସେମାନଙ୍କର ପ୍ରୋଫାଇଲ୍ ସେମାନଙ୍କର ଆଧାର ନମ୍ବର ସହିତ ସଂଯୋଗ କରନ୍ତୁ।

ଇଲେକ୍ଟ୍ରିକ୍ ବସ୍ ଦିଲ୍ଲୀକୁ ସ୍ୱଚ୍ଛ ଏବଂ ସବୁଜ କରିବ

କେନ୍ଦ୍ର ସରକାର, ଦିଲ୍ଲୀ ସରକାରଙ୍କ ସହିତ, ଦେଶର ରାଜଧାନୀ ଦିଲ୍ଲୀକୁ ସ୍ୱଚ୍ଛ ଏବଂ ସବୁଜ କରିବା ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି। ଶିଳ୍ପ ପାଇଁ ନିୟମ ଏବଂ ସର୍ତ୍ତାବଳୀ ପାଳନ ସୁନିଶ୍ଚିତ କରିବା ଠାରୁ ଆରମ୍ଭ କରି ଯମୁନା ନଦୀ ସଫା କରିବା କିମ୍ବା ପରିବହନ ବ୍ୟବସ୍ଥାରେ ସବୁଜ ଶକ୍ତି ବ୍ୟବହାର କରିବା ପର୍ଯ୍ୟନ୍ତ, ସରକାର ପ୍ରଦୂଷଣ ହ୍ରାସ କରିବା ପାଇଁ ସମସ୍ତ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଛନ୍ତି। ଏହି କ୍ରମରେ, ବିଶ୍ୱ ପରିବେଶ ଦିବସ, ଜୁନ୍ ୫ ତାରିଖରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘକାଳୀନ ବିକାଶ ଏବଂ ସବୁଜ ସହରାଞ୍ଚଳ ପରିବହନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଦିଲ୍ଲୀ - ଏନସିଆରରେ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଇଲେକ୍ଟ୍ରିକ୍ ବସ୍‌ଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏବେ ଦିଲ୍ଲୀର ରାସ୍ତାରେ ଆହୁରି ୨୦୦ଟି ନୂତନ ଇଲେକ୍ଟ୍ରିକ୍ ବସ୍ ଚାଲିବ। ଗତ ବର୍ଷ, ବିଶ୍ୱ ପରିବେଶ ଦିବସ ଅବସରରେ, ପ୍ରଧାନମନ୍ତ୍ରୀ ମୋଦୀ ଆରାବଳୀର ଏକ ଅଂଶ 'ଦିଲ୍ଲୀ ରିଜ୍' ରେ ଅବସ୍ଥିତ ବୁଦ୍ଧ ଜୟନ୍ତୀ ପାର୍କରୁ 'ଏକ ପେଡ୍ ମା କେ ନାମ' ଅଭିଯାନ ଆରମ୍ଭ କରିଥିଲେ।

ପ୍ରଥମ ଆଣ୍ଟି-ସବମେରିନ୍ ଯୁଦ୍ଧ ଅଗଭୀର ଜଳ ଜାହାଜ 'ଅର୍ନାଲା' ସାମିଲ

ପ୍ରଥମ ଆଣ୍ଟି - ସବମେରିନ୍ ଯୁଦ୍ଧ ଅଗଭୀର ଜଳ ଜାହାଜ, 'ଅର୍ନାଲା', ଜୁନ୍ ୧୮ ତାରିଖରେ ବିଶାଖାପାଟଣାରେ ନୌସେନାର ନୌବାହିନୀରେ ସାମିଲ କରାଯାଇଥିଲା, ଯାହା ଦ୍ୱାରା ସାମୁଦ୍ରିକ କ୍ଷେତ୍ରର ଆହ୍ୱାନ ଗୁଡିକର ମୁକାବିଲା କରିବା ସହିତ ଜଳସୀମାରେ ଭାରତକୁ ମୁଣ୍ଡ ଟେକୁଥିବା ବିପଦରୁ ରକ୍ଷା କରାଯାଇପାରିବ। ୧,୪୯୦ ଟନ୍ ରୁ ଅଧିକ ଓଜନ ବିଶିଷ୍ଟ, ୭୭.୬ ମିଟର ଲମ୍ବା ଯୁଦ୍ଧ ଜାହାଜ ହେଉଛି ଭାରତୀୟ ନୌସେନାର ସବୁଠାରୁ ବଡ଼ ଡିଜେଲ୍ ଇଞ୍ଜିନ୍- ୱାଟରଜେଟ୍ ମିଶ୍ରଣ- ଚାଳିତ ଯୁଦ୍ଧଜାହାଜ। ଏହି ଜାହାଜଟି ସରକାରୀ- ବେସରକାରୀ ସହଭାଗୀତା ଅଧୀନରେ ନିର୍ମିତ ହୋଇଛି। 'ଅର୍ନାଲା' ପ୍ରତିରକ୍ଷା ଉତ୍ପାଦନରେ ଆତ୍ମନିର୍ଭର ଭାରତ ପଦକ୍ଷେପର ସଫଳତାର ପ୍ରମାଣ, କାରଣ ଏହା ୮୦% ସ୍ୱଦେଶୀ ପ୍ରଯୁକ୍ତି ବିଦ୍ୟା ସହିତ ନିର୍ମିତ ହୋଇଛି। ୫୫ ରୁ ଅଧିକ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଏହି ପ୍ରକଳ୍ପରେ ସାମିଲ ହୋଇଛନ୍ତି, ଘରୋଇ ଶିଳ୍ପକୁ ଅଭିବୃଦ୍ଧି କରାଉଛନ୍ତି ଏବଂ ଏହା ସମ୍ପର୍କିତ ଆର୍ଥିକ କାର୍ଯ୍ୟକଳାପ ସୃଷ୍ଟି କରୁଛନ୍ତି। ଏହା ଭାରତର ନୌସେନା କ୍ଷମତାକୁ ବୃଦ୍ଧି କରିବ, ଉପକୂଳ ସୁରକ୍ଷାକୁ ମଜବୁତ କରିବ ଏବଂ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଭାରତ ମହାସାଗର କ୍ଷେତ୍ରରେ ଏକ ଆତ୍ମନିର୍ଭରଶୀଳ ସାମୁଦ୍ରିକ ଶକ୍ତି ଭାବରେ ଦେଶର ସ୍ଥିତିକୁ ଆହୁରି ସୁଦୃଢ଼ କରିବ।

୧୮ ଲକ୍ଷରୁ ଅଧିକ ଚାଷୀ ପ୍ରାକୃତିକ କୃଷିକୁ ଗ୍ରହଣ କରିବେ

କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ର ସମାପନ ଅବସରରେ କହିଛନ୍ତି ଯେ, ଏହି ବର୍ଷ ସରକାର ଦେଶରେ ସାଢ଼େ ସାତ ଲକ୍ଷ ହେକ୍ଟର ଜମିରେ ପ୍ରାକୃତିକ କୃଷି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅଭିଯାନ ସମୟରେ, ୧୬ ହଜାର ବୈଜ୍ଞାନିକଙ୍କୁ ନେଇ ୨,୧୭୦ ଦଳ ଗଠନ କରାଯାଇଥିଲା , ଯେଉଁମାନେ ଗାଁ ଗାଁ ଯାଇ ଚାଷୀଙ୍କ ସହିତ ସିଧାସଳଖ ଯୋଗାଯୋଗ କରିଥିଲେ ଏବଂ ସେମାନଙ୍କୁ ଗବେଷଣା ବିଷୟରେ ସଠିକ୍ ସୂଚନା ପ୍ରଦାନ କରିଥିଲେ। ଅଞ୍ଚଳର ଜଳବାୟୁ ପରିସ୍ଥିତି ଏବଂ ଚାଷଜମିର ଆବଶ୍ୟକତାକୁ ଧ୍ୟାନରେ ରଖି ଚାଷୀମାନଙ୍କୁ ବିଜ୍ଞାନସମ୍ମତ ସୂଚନା ଦିଆଯାଇଥିଲା। ଚାଷୀମାନଙ୍କୁ ସନ୍ତୁଳିତ ସାର ଏବଂ କୀଟନାଶକ ବ୍ୟବହାର ବିଷୟରେ ଅବଗତ କରାଯାଇଥିଲା। ଅଭିଯାନର ଏକ ପ୍ରମୁଖ ସଫଳତା ହେଉଛି ଯେ ଦେଶରେ ୧୮ ଲକ୍ଷରୁ ଅଧିକ ଚାଷୀଙ୍କୁ ପ୍ରାକୃତିକ କୃଷି ପାଇଁ ପ୍ରସ୍ତୁତ କରାଯାଇଛି। ଅଭିଯାନ ସମୟରେ, ଏକ କୋଟି ୧୨ ଲକ୍ଷ ଚାଷୀଙ୍କ ସହିତ ଯୋଗାଯୋଗ କରାଯାଇଥିଲା। ୫୫ ହଜାରରୁ ଅଧିକ ସ୍ଥାନରେ ଆଲୋଚନା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା।

ଏକ ଦଶନ୍ଧି ମଧ୍ୟରେ ସାମାଜିକ ସୁରକ୍ଷା କଭରେଜ୍ ପ୍ରାୟ୍ ସାଢ଼େ ତିନି ଗୁଣ ବୃଦ୍ଧି ପାଇଛି

ଦଶନ୍ଧି ମଧ୍ୟରେ ସାମାଜିକ ସୁରକ୍ଷା କଭରେଜ ପ୍ରାୟ ସାଢ଼େ ତିନି ଗୁଣ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ' ହାସଲ କରିବାର ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହୋଇ ଭାରତ ସାମାଜିକ ସୁରକ୍ଷା କଭରେଜ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି, ଯାହା ବିଶ୍ୱ ସ୍ତରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସାରଣ ମଧ୍ୟରୁ ଗୋଟିଏ ରେକର୍ଡ କରିଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ILO)ର ସଦ୍ୟତମ ତଥ୍ୟ ଅନୁଯାୟୀ, ଭାରତର ସାମାଜିକ ସୁରକ୍ଷା କଭରେଜ ୨୦୧୫ ରେ ୧୯% ରୁ ୨୦୨୫ ରେ ୬୪.୩%କୁ ବୃଦ୍ଧି ପାଇଛି, ଯାହା ହେଉଛି ଗତ ଦଶନ୍ଧିରେ ଏକ ଅଭୂତପୂର୍ବ ୪୫ ପ୍ରତିଶତ ପଏଣ୍ଟ ବୃଦ୍ଧି । ପ୍ରଧାନମନ୍ତ୍ରୀ ମୋଦୀ ଏହି ଅଭିବୃଦ୍ଧିକୁ ପ୍ରଶଂସା କରିଛନ୍ତି ଏବଂ କହିଛନ୍ତି ଯେ ଏହା ସରକାରଙ୍କ ଜନ କଲ୍ୟାଣ-ଚାଳିତ ପ୍ରତିବଦ୍ଧତାର ଫଳାଫଳ। ସରକାରଙ୍କ କଲ୍ୟାଣ ଯୋଜନାଗୁଡ଼ିକ ସର୍ବାଧିକ ଲୋକଙ୍କ ପାଖରେ ପହଞ୍ଚୁଛି। ଆଇଏଲଓର ମହାପ୍ରବନ୍ଧକ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗରିବ ଏବଂ ଶ୍ରମିକ ବର୍ଗଙ୍କ ପାଇଁ ଭାରତର କେନ୍ଦ୍ରିତ କଲ୍ୟାଣ ନୀତିକୁ ପ୍ରଶଂସା କରିଛନ୍ତି ଏବଂ କହିଛନ୍ତି ଯେ ୯୪ କୋଟିରୁ ଅଧିକ ଲୋକ ଏବେ ଅତି କମରେ ଗୋଟିଏ ସାମାଜିକ ସୁରକ୍ଷା ଲାଭରେ ଆସୁଛନ୍ତି। ଲାଭାର୍ଥୀଙ୍କ ସଂଖ୍ୟା ଦୃଷ୍ଟିରୁ ଭାରତ ଏବେ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ଅଛି।

ଆମଦାନୀ ହେଉଥିବା ଅଶୋଧିତ ଖାଦ୍ୟ ତେଲ ଉପରେ ମୌଳିକ ସୀମା ଶୁଳ୍କ ୧୦% କୁ ହ୍ରାସ କରାଯାଇଛି

କେନ୍ଦ୍ର ସରକାର ଅଶୋଧିତ ଖାଦ୍ୟ ତେଲ - ସୂର୍ଯ୍ୟମୁଖୀ, ସୋୟାବିନ୍ ଏବଂ ପାମ୍ ତେଲ - ଉପରେ ମୌଳିକ ସୀମା ଶୁଳ୍କ ୨୦% ରୁ ୧୦% କୁ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପରିବର୍ତ୍ତନର ଉଦ୍ଦେଶ୍ୟ ହେଉଛି ଖାଦ୍ୟ ତେଲର ମୂଲ୍ୟ ବୃଦ୍ଧିର ସମାଧାନ ଖୋଜିବା। ଏହା ସହିତ, ସରକାର ଖାଦ୍ୟ ତେଲ ସଂଘ ଏବଂ ଶିଳ୍ପ ସହିତ ଜଡିତ ଲୋକଙ୍କୁ ମଧ୍ୟ କହିଛନ୍ତି ଯେ, ହ୍ରାସ କରାଯାଇଥିବା ଶୁଳ୍କର ସମ୍ପୂର୍ଣ୍ଣ ଲାଭ ଗ୍ରାହକମାନଙ୍କୁ ଦିଆଯାଉ। ସରକାରଙ୍କ ଏହି ନିଷ୍ପତ୍ତି କେବଳ ଖାଦ୍ୟ ତେଲକୁ କମ ମୂଲ୍ୟରେ ଉପଲବ୍ଧ କରିବ ନାହିଁ , ବରଂ ମୁଦ୍ରାସ୍ଫୀତି ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିବ। ହ୍ରାସ କରାଯାଇଥିବା ଶୁଳ୍କ ଘରୋଇ ବିଶୋଧନକୁ ମଧ୍ୟ ପ୍ରୋତ୍ସାହିତ କରିବ। ●

ସମାବେଶୀ ଅଭିବୃଦ୍ଧିର ୧୧ ବର୍ଷ

ଅଶ୍ୱିନୀ ବୈଷ୍ଣବ

କେନ୍ଦ୍ର
ରେଳ, ଇଲେକ୍ଟ୍ରୋନିକ୍ସ ଏବଂ
ସୂଚନା ପ୍ରଯୁକ୍ତି, ତଥା ସୂଚନା
ଓ ପ୍ରସାରଣ ମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ୧୧ ବର୍ଷ ପୂରଣ କରିଛି। ଏହି ଅବସରରେ, କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଏକ ଲେଖା ପ୍ରକାଶିତ ହୋଇଥିଲା। ୧୧ ବର୍ଷର ସମନ୍ୱିତ ଅଭିବୃଦ୍ଧି ଏବଂ ଜାତୀୟ ସଶକ୍ତିକରଣ ଉପରେ ଆଲୋକପାତ କରୁଥିବା ଏକ ଲେଖା ସେୟାର କରି ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, "କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୧୧ ବର୍ଷର ସମନ୍ୱିତ ଅଭିବୃଦ୍ଧି ଉପରେ ପ୍ରତିଫଳିତ କରନ୍ତି, ଏକ ଯାତ୍ରା ଯାହା ନାଗରିକମାନଙ୍କୁ ବିଭିନ୍ନ ଉପାୟରେ ଲାଭ ଦେଇଛି ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏକ ବିଶ୍ୱାସ ସୃଷ ି କରିଛି। ଏକ ବିଶ୍ୱାସ ଯାହା ଦେଶକୁ ସଶକ୍ତ କରେ, ଉନ୍ନତ କରେ ଏବଂ ଆଗକୁ ନେଇଥାଏ। ଏକ ଦିଗଦର୍ଶନପୂର୍ଣ୍ଣ ଲେଖା!" କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, ତଥା ସୂଚନା ଏବଂ ପ୍ରସାରଣ ମନ୍ତ୍ରୀଙ୍କ ଏହି ଲେଖା ୧୧ ବର୍ଷର ସମନ୍ୱିତ ଅଭିବୃଦ୍ଧିର ପରିବର୍ତ୍ତନକାରୀ ପ୍ରଭାବ ଉପରେ ଗୁରୁତ୍ୱାରୋପ କରେ। ଏହା ଏକ ଯାତ୍ରା ଯାହା ଉଲ୍ଲେଖନୀୟ ଉପାୟରେ ଦେଶକୁ ସଶକ୍ତ ଏବଂ ଆଗକୁ ନେଇଛି। ଏଠାରେ ଗଣମାଧ୍ୟମରେ ପ୍ରକାଶିତ ତାଙ୍କର ଆର୍ଟିକିଲ୍ ପ୍ରଦାନ କରାଯାଇଛି ...

ଆମର ବିକାଶ ମଡେଲର ସବୁଠାରୁ ବଡ଼ ଶକ୍ତି ହେଉଛି ଏହା କୋଟି କୋଟି ଲୋକଙ୍କ ଜୀବନକୁ ଉନ୍ନତ କରିଛି।

ଏକ ନୂତନ ଭାରତ ରୂପ ନେଉଛି - ଯେଉଁଠାରେ ପ୍ରଗତି କେବଳ ଜିଡିପି ରେ ନୁହେଁ, ବରଂ ସମ୍ମାନ ଏବଂ ସୁଯୋଗରେ ମାପ କରାଯାଏ। କଡପାର ଜଣେ ଗୃହିଣୀ ଅନ୍ନମ ଲକ୍ଷ୍ମୀ ଭବାନୀ ଏକ ସଫଳ ଝୋଟ ବ୍ୟାଗ ଉତ୍ପାଦନ ୟୁନିଟ୍ ଆରମ୍ଭ କରିବା ପାଇଁ ମୁଦ୍ରା ଋଣ ସୁରକ୍ଷିତ କରିଛନ୍ତି। ହରିୟାଣାର ଜଗଦେବ ସିଂହ ଏକ ଏଆଇ ଆପ୍ ବ୍ୟବହାର କରି ତାଙ୍କ ଫସଲ ସହିତ ଜଡିତ ନିଷ୍ପତ୍ତି ନିଅନ୍ତି। ଏବଂ, ମୀରା ମାଞ୍ଜି ଉଜ୍ଜ୍ୱଳା ଅଧୀନରେ ଏଲପିଜି ସଂଯୋଗ ପାଆନ୍ତି, ଯାହା ଧୂଆଁମୁକ୍ତ ରୋଷେଇ ଘର ଏବଂ ତାଙ୍କ ପିଲାମାନଙ୍କ ସହିତ ଅଧିକ ଗୁଣାତ୍ମକ ସମୟ ସୁନିଶ୍ଚିତ କରିଥାଏ।

ଏଗୁଡ଼ିକ ସମଗ୍ର ଭାରତବର୍ଷର ଗ୍ରାମ, ସହର ଏବଂ ସହରଗୁଡ଼ିକର ଦୈନନ୍ଦିନ ବାସ୍ତବତା। ଏହି ପରିବର୍ତ୍ତନଗୁଡ଼ିକ ଗଠନାତ୍ମକ ସଂସ୍କାର ଏବଂ ଶେଷ ନାଗରିକଙ୍କୁ ସଶକ୍ତ କରିବାରେ ବିଶ୍ୱାସ କରୁଥିବା ନେତୃତ୍ୱରୁ ଉତ୍ପନ୍ନ ହୋଇଛି।

ସ୍ତମ୍ଭ ୧: ଭିତ୍ତିଭୂମିରେ ନିବେଶ

- ଗତ ଏଗାର ବର୍ଷରେ ପୁଞ୍ଜି ଖର୍ଚ୍ଚ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି, ୨୦୨୫-୨୫ ରେ ଟ.୧୧.୨ ଲକ୍ଷ କୋଟିରେ ପହଞ୍ଚିଛି। ସାର୍ବଜନୀନ ନିବେଶରେ ଏହି ବୃଦ୍ଧି ଭାରତର ଭିତ୍ତିଭୂମି - ଭୌତିକ, ଡିଜିଟାଲ୍ ଏବଂ ସାମାଜିକ କ୍ଷେତ୍ରରେ ସର୍ବାଧିକ ଦୃଶ୍ୟମାନ।

- ଗତ ୧୧ ବର୍ଷ ମଧ୍ୟରେ, ଭାରତରେ ଭୌତିକ ଭିତ୍ତିଭୂମି ଦ୍ରୁତ ଗତିରେ ବୃଦ୍ଧି ପାଇଛି। ପ୍ରାୟ ୫୯,୦୦୦ କିଲୋମିଟର ରାଜପଥ ନିର୍ମାଣ କରାଯାଇଛି ଏବଂ ୩୭,୫୦୦ କିଲୋମିଟରରୁ ଅଧିକ ରେଳ ଟ୍ରାକ୍ ବିଛାଯାଇଛି।

- ନିକଟରେ, ଚେନାବ ଏବଂ ଅଞ୍ଜି ସେତୁ ଉଦଘାଟନ କରାଯାଇଥିଲା – ଏହା ଏକ ଆଧୁନିକ ଭାରତର ପ୍ରତୀକ। କାଶ୍ମୀର ଲୋକଙ୍କ ପାଇଁ, ଏହି ସେତୁ ଦେଇ ବନ୍ଦେ ଭାରତର ଆଗମନ ଏକ ସ୍ୱପ୍ନ ପରି ଅନୁଭବ ହୋଇଥିଲା। ଜଣେ ଯାତ୍ରୀ, ତାଙ୍କ ଆଖିରେ ଲୁହ ଛଳଛଳ ହୋଇ କହିଥିଲେ ଯେ ସେ କେବେ ଭାବି ନଥିଲେ ଯେ ଏହି ଦିନ ଆସିବ।

- ସଂଯୋଗୀକରଣର ଏହି ମନୋଭାବ ରେଳବାଇ ଠାରୁ ଡିଜିଟାଲ୍ ରାଜପଥ ପର୍ଯ୍ୟନ୍ତ ବ୍ୟାପିଛି। ଭାରତର ଡିଜିଟାଲ୍ ପବ୍ଲିକ୍ ଇନ୍ଫ୍ରାଷ୍ଟ୍ରକ୍ଚର (ଡିପିଆଇ) ଏକ ବିଶ୍ୱସ୍ତରୀୟ ମାନଦଣ୍ଡ ପାଲଟିଛି। ୟୁପିଆଇ, ଆଧାର ଏବଂ ଡିଜିଲକର ଏବେ ସେମାନଙ୍କର ପରିମାଣ ଏବଂ ଅନ୍ତର୍ଭୁକ୍ତି ପାଇଁ ବିଶ୍ୱସ୍ତରରେ ଅଧ୍ୟୟନ କରାଯାଉଛି। ୧୪୧ କୋଟିରୁ ଅଧିକ ଆଧାର ପଞ୍ଜିକରଣ ଏବଂ ପ୍ରତିଦିନ ୬୦ କୋଟି ୟୁପିଆଇ କାରବାର ଏହାର ପହଞ୍ଚ ଏବଂ ଗ୍ରହଣୀୟତାକୁ ସୂଚିତ କରେ। ଏହା ପଛରେ ଥିବା ଧାରଣା ସରଳ: ସମସ୍ତଙ୍କ ପାଇଁ ପ୍ରଯୁକ୍ତିବିଦ୍ୟାକୁ ଉପଲବ୍ଧ କରିବା।

- ଏହି ଦୃଷ୍ଟିକୋଣ ଇଣ୍ଡିଆ ଏଆଇ ମିଶନକୁ ଚଳାଏ। ଜିପିୟୁ ଭାବରେ ଜଣାଶୁଣା ୩୪,୦୦୦ ରୁ ଅଧିକ ହାଇ-ସ୍ପିଡ୍ କମ୍ପ୍ୟୁଟର ଚିପ୍ସ ଏବେ ସମସ୍ତଙ୍କ ପାଇଁ ଉପଲବ୍ଧ। ତାହା ମଧ୍ୟ ବିଶ୍ୱ ମୂଲ୍ୟର ମାତ୍ର ଏକ-ତୃତୀୟାଂଶରେ। ଏଆଇ ବିକାଶର ଏକ ଅଂଶ ଭାବରେ ଏହି ଚିପ୍ସ ଆବଶ୍ୟକ, ବିଶେଷକରି ଏଆଇ ମଡେଲଗୁଡ଼ିକର ତାଲିମ। ଏହାକୁ ଆହୁରି ସମର୍ଥନ କରିବା ପାଇଁ, ଏଆଇକୋଶ ପ୍ଲାଟଫର୍ମ ଶିକ୍ଷା ଏବଂ ନବସୃଜନ ପାଇଁ ୩୭୦ ରୁ ଅଧିକ ଡାଟାସେଟ୍ ଏବଂ ୨୦୦ ବ୍ୟବହାର ପାଇଁ ପ୍ରସ୍ତୁତ ଏଆଇ ମଡେଲ ପ୍ରଦାନ କରେ।

- ପ୍ରବେଶଯୋଗ୍ୟତା ଉପରେ ଏହି ଧ୍ୟାନ ଟେକ୍ନୋଲୋଜିଠାରୁ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ମୌଳିକ ସେବା ପର୍ଯ୍ୟନ୍ତ ବିସ୍ତାରିତ। ୧୧ ବର୍ଷ ମଧ୍ୟରେ, ମେଡିକାଲ କଲେଜ ୩୮୭ ରୁ ୭୮୦ ଏବଂ ଏମ୍ସ ପ୍ରତିଷ୍ଠାନ ୭ ରୁ ୨୩ କୁ ବୃଦ୍ଧି ପାଇଛି। ଏମବିବିଏସ ଏବଂ ପିଜି ସିଟ୍ ମଧ୍ୟ ଦ୍ୱିଗୁଣିତ ହୋଇଛି। ଏହା ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ସୁଲଭ କରିବା ପାଇଁ ଏକ ଦୃଢ଼ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରେ।

କାର୍ଯ୍ୟରେ ଅନ୍ତ୍ୟୋଦୟ

ପ୍ରାରମ୍ଭରୁ, ଆମର ଲକ୍ଷ୍ୟ ହେଉଛି ଅନ୍ତ୍ୟୋଦୟ - ପିରାମିଡର ତଳ ଭାଗରେ ଥିବା ଲୋକମାନଙ୍କର ବିକାଶ କରିବା। ଗତ ୧୧ ବର୍ଷ ମଧ୍ୟରେ ପ୍ରତ୍ୟେକ ନୀତି, ପ୍ରତ୍ୟେକ ନିବେଶ ଏବଂ ପ୍ରତ୍ୟେକ ନବସୃଜନ ଏହି ଦୃଷ୍ଟିକୋଣ ଦ୍ୱାରା ଆକାର ପାଇଛି।

ସ୍ତମ୍ଭ ୨: ସମନ୍ୱିତ ଅଭିବୃଦ୍ଧି

- ଆମର ବିକାଶ ମଡେଲର ସବୁଠାରୁ ଶକ୍ତିଶାଳୀ ବୈଧତା ହେଉଛି ଏହା ସ୍ପର୍ଶ କରିଥିବା ଜୀବନରେ। ୫୩୦ ନିୟୁତରୁ ଅଧିକ ଜନଧନ ଆକାଉଣ୍ଟ ଖୋଲାଯାଇଛି – ଯାହା ୟୁରୋପର ଜନସଂଖ୍ୟାଠାରୁ ଅଧିକ। ୪ କୋଟି ଘର ନିର୍ମାଣ କରାଯାଇଛି, ୧୨ କୋଟି ଶୌଚାଳୟ ନିର୍ମାଣ କରାଯାଇଛି, ଏବଂ ୧୦ କୋଟି ପରିବାର ଏବେ କାଠ ନିଆଁ ବଦଳରେ ସଫା ଏଲପିଜି ବ୍ୟବହାର କରି ରୋଷେଇ କରୁଛନ୍ତି।

- "ହର ଘର ଜଳ" ଅଧୀନରେ ଟ୍ୟାପ୍ ପାଣି ସଂଯୋଗ ମଧ୍ୟ ୧୪ କୋଟି ପରିବାରରେ ପହଞ୍ଚିଛି। ଆୟୁଷ୍ମାନ ଭାରତ ଅଧୀନରେ ସ୍ୱାସ୍ଥ୍ୟ ବୀମା ୩୫୦ ନିୟୁତରୁ ଅଧିକ ଲୋକଙ୍କୁ କଭର କରୁଛି ଏବଂ ୧୧୦ ନିୟୁତ ଚାଷୀ ଏବେ ପ୍ରଧାନମନ୍ତ୍ରୀ-କିଷାନ ମାଧ୍ୟମରେ ସିଧାସଳଖ ଆୟ ସହାୟତା ପାଉଛନ୍ତି।

- ଏହି ସଂଖ୍ୟାଗୁଡ଼ିକ ମୀରା ମାଞ୍ଜିଙ୍କ କାହାଣୀ ମାଧ୍ୟମରେ ଜୀବନ୍ତ ହୋଇଉଠିଛି, ଯିଏକି ଦଶମ କୋଟି ଉଜ୍ଜ୍ୱଳା ଲାଭାର୍ଥୀ। ସେ ଉଲ୍ଲେଖ କରିଛନ୍ତି ଯେ କିପରି କୌଣସି ମଧ୍ୟସ୍ଥି ବିନା ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଟ.୨.୫ ଲକ୍ଷ ଜମା କରାଯାଇଥିଲା। ତାଙ୍କ ପାଖରେ ଏବେ ହର ଘର ଜଳ ମାଧ୍ୟମରେ ନଳକୂପ ପାଣି, ପ୍ରତି ମାସରେ ମାଗଣା ରାସନ ଏବଂ ଉଜ୍ଜ୍ୱଳା ଅଧୀନରେ ଏକ ଧୂଆଁମୁକ୍ତ ରୋଷେଇ ଘର ଅଛି।

- ଏହା ଏକ ସମନ୍ୱିତ ଅଭିବୃଦ୍ଧି ଯାହା ଆମ ସାମ୍ପ୍ରତିକ ଇତିହାସରେ କୌଣସି ସମୟରେ ଦେଖାଯାଇନାହିଁ

ସ୍ତମ୍ଭ ୩: ଉତ୍ପାଦନ ଏବଂ ନବସୃଜନ

- ୨୦୧୫ ରେ, ଆମେ ନିଯୁକ୍ତି ସୃଷ୍ଟି ଏବଂ ଶିଳ୍ପ ଅଭିବୃଦ୍ଧିକୁ ପୁନରୁଦ୍ଧାର କରିବା ପାଇଁ ମେକ୍ ଇନ୍ ଇଣ୍ଡିଆ ଆରମ୍ଭ କରିଥିଲୁ। ଆଜି, ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୬ ଗୁଣ ବୃଦ୍ଧି ପାଇ ଟ.୧୨ ଲକ୍ଷ କୋଟି ଅତିକ୍ରମ କରିଛି। ଇଲେକ୍ଟ୍ରୋନିକ୍ସ ରପ୍ତାନି ୮ ଗୁଣ ବୃଦ୍ଧି ପାଇ ୩ ଲକ୍ଷ କୋଟି ଅତିକ୍ରମ କରି ଶୀର୍ଷ ରପ୍ତାନି ସାମଗ୍ରୀ ମଧ୍ୟରେ ସ୍ଥାନ ପାଇଛି। ଭାରତ ଏବେ ଦ୍ୱିତୀୟ ସର୍ବବୃହତ ମୋବାଇଲ୍ ଫୋନ୍ ଉତ୍ପାଦକ।

- ଆମେ ବର୍ତ୍ତମାନ ନୂତନ ଇଲେକ୍ଟ୍ରୋନିକ୍ସ ଉପାଦାନ ଉତ୍ପାଦନ ଯୋଜନା ଅଧୀନରେ ଇଲେକ୍ଟ୍ରୋନିକ୍ସ ଉପାଦାନ ଉତ୍ପାଦନ କରି ଉତ୍ପାଦନ ମୂଲ୍ୟ ଶୃଙ୍ଖଳକୁ ଗଭୀର କରୁଛୁ।

- ସମକାଳୀନ ଭାବରେ, ଭାରତର ସେମିକଣ୍ଡକ୍ଟର ମିଶନ ଏକ ବ୍ଲୁପ୍ରିଣ୍ଟରୁ ସଫଳତା ଆଡ଼କୁ ଗତି କରୁଛି। ଦେଶର ପ୍ରଥମ ବାଣିଜ୍ୟିକ ଫ୍ୟାବ୍ ନିର୍ମାଣାଧୀନ ଅଛି। ପାଞ୍ଚଟି ଓଏସଏଟି ୟୁନିଟ୍ କାର୍ଯ୍ୟକାରୀ କରାଯାଉଛି ଏବଂ ଭାରତର ଛାତ୍ର ଏବଂ ଇଞ୍ଜିନିୟରମାନଙ୍କ ଦ୍ୱାରା ସ୍ୱଦେଶୀ ଆଇପି ସହିତ ୨୦ ରୁ ଅଧିକ ଚିପସେଟ୍ ଡିଜାଇନ୍ କରାଯାଇଛି। ଆମେ ବିଶ୍ୱସ୍ତରୀୟ ଇଡିଏ ଉପକରଣ ସହିତ ୨୭୦ ବିଶ୍ୱବିଦ୍ୟାଳୟକୁ ସାମିଲ କରିଛୁ। ଏହା ଏକ ସେମିକଣ୍ଡକ୍ଟର ପ୍ରତିଭା ପାଇପଲାଇନର ମୂଳଦୁଆ ସ୍ଥାପନ କରୁଛି ଯାହା ଉପରେ ବିଶ୍ୱ ଭରସା କରିପାରିବ।

ସ୍ତମ୍ଭ ୪:
ଆଇନର ସରଳୀକରଣ

ଗତ ଦଶନ୍ଧିର ଶାସନରେ ଏକ ନୀରବ ବିପ୍ଳବ ହୋଇଛି। ୧୫୦୦ ରୁ ଅଧିକ ପୁରୁଣା ଆଇନ ବାତିଲ କରାଯାଇଥିଲା ଏବଂ ୪୦,୦୦୦+ ଅନୁପାଳନକୁ ହଟାଇ ଦିଆଯାଇଥିଲା। ଟେଲିକମ୍ ଆଇନ ଏବଂ ଡିପିଡିପି ଆଇନ ପରି ନୂତନ ଆଇନ ବିଶ୍ୱାସ ଏବଂ ସରଳତା ଉପରେ ନିର୍ମିତ, ନାଗରିକମାନଙ୍କୁ ସନ୍ଦେହ ନୁହେଁ, ମର୍ଯ୍ୟାଦା ସହିତ ବ୍ୟବହାର କରାଯାଉଛି। ଏହା ନିବେଶ, ନବସୃଜନ ଏବଂ ଆନୁଷ୍ଠାନିକୀକରଣକୁ ଉତ୍ସାହିତ କରିଛି, ଅଭିବୃଦ୍ଧିର ଏକ ଚକ୍ର ସୃଷ୍ଟି କରିଛି।

ମୋଦୀ ସିଦ୍ଧାନ୍ତ

- ଏହି ୧୧ ବର୍ଷ ମଧ୍ୟରେ ଆତଙ୍କବାଦ ପ୍ରତି ଭାରତର ଆଭିମୁଖ୍ୟ ବଦଳିଛି। ସର୍ଜିକାଲ୍ ଷ୍ଟ୍ରାଇକ୍, ଏୟାର ଷ୍ଟ୍ରାଇକ୍ ଏବଂ ବର୍ତ୍ତମାନ ଅପରେସନ୍ ସିନ୍ଦୂରରୁ, ଭାରତ ଆତଙ୍କବାଦ ବିରୁଦ୍ଧରେ ଲଢ଼ିବାରେ ସ୍ପଷ୍ଟତା ଏବଂ ସାହସ ଦେଖାଇଛି। ପ୍ରତ୍ୟେକ ପ୍ରତିକ୍ରିୟା ଏକ ଦ୍ରୁତ, ନିର୍ଣ୍ଣାୟକ କାର୍ଯ୍ୟକୁ ପ୍ରତିଫଳିତ କରେ - ଆମ ନିଜସ୍ୱ ସର୍ତ୍ତରେ।
- ଆତଙ୍କବାଦୀ ଆକ୍ରମଣର ଜବାବ ଦେବାର ଏହି ନୂତନ ଉପାୟ ମୋଦୀ ସିଦ୍ଧାନ୍ତର ଅଂଶ। ଏହା ତିନୋଟି ସ୍ତମ୍ଭ ଉପରେ ଆଧାରିତ। ଭାରତର ସର୍ତ୍ତରେ ନିର୍ଣ୍ଣାୟକ ପ୍ରତିଶୋଧ, ପରମାଣୁ ବ୍ଲାକମେଲ୍ ପାଇଁ ଶୂନ୍ୟ ସହନଶୀଳତା, ଏବଂ ଆତଙ୍କବାଦୀ ତଥା ସେମାନଙ୍କର ପ୍ରାୟୋଜକଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ।
- ଏହି ଥର ଆମର ପ୍ରତିକ୍ରିୟାକୁ ଆହୁରି ଗୁରୁତ୍ୱପୂର୍ଣ୍ଣ କରିଥିବା ବିଷୟ ହେଉଛି ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଏବଂ କ୍ଷମତାର ବ୍ୟବହାର। ବିଜୟୀ ହେବାକୁ ଆକାଂକ୍ଷୀ ଏକ ରାଷ୍ଟ୍ର କେବଳ ନିଜ ଲୋକଙ୍କୁ ରକ୍ଷା କରିବା ଉଚିତ୍ ନୁହେଁ ବରଂ ଆତ୍ମନିର୍ଭରତା ସହିତ ଏହା କରିବା ଉଚିତ୍ - ଏବଂ ଭାରତ ଠିକ୍ ତାହା କରିଥିଲା।

ବିଶ୍ୱାସ

- ପୂର୍ବରୁ ଅଭିବୃଦ୍ଧି ସଂଖ୍ୟାରେ ମାପ କରାଯାଉଥିଲା। ଆଜି, ଏହା ପରିବର୍ତ୍ତିତ ଜୀବନରେ ମାପ କରାଯାଏ। ଜଣେ ଗୃହିଣୀ ଯିଏ ନିଯୁକ୍ତିଦାତା ହେଲେ। କୃଷିରେ ଏଆଇ ଆପ୍ ବ୍ୟବହାର କରୁଥିବା ଜଣେ ଚାଷୀ। ଜଣେ ମା ଯାହାଙ୍କ ରୋଷେଇ ଘର ଆଉ ଧୂଆଁରେ ପୂର୍ଣ୍ଣ ହୁଏ ନାହିଁ। ଏଗୁଡ଼ିକ ସମଗ୍ର ଦେଶରେ ଘଟୁଥିବା ନୀରବ ବିପ୍ଳବ।
- ୨୦୦୪ ମସିହାରେ, ଅଟଳ ଜୀଙ୍କ କାର୍ଯ୍ୟକାଳର ଶେଷରେ, ଭାରତ ବିଶ୍ୱର ୧୧ତମ ବୃହତ୍ତମ ଅର୍ଥନୀତି ଥିଲା। ୨୦୦୪ ରୁ ୨୦୧୪ ମଧ୍ୟରେ, ଭାରତ ୧୧ତମ ସ୍ଥାନରେ ରହିଥିଲା, ଯାହା ଏକ ଦଶନ୍ଧି ଧରିଥିବା ଗତିକୁ ପ୍ରତିଫଳିତ କରେ। ଗତ ଦଶନ୍ଧିରେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ସଂସ୍କାରବାଦୀ ନୀତି ଯୋଗୁଁ ଭାରତ ପୁନର୍ବାର ଗତି ପାଇଲା। ଆଜି, ଆମେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବା ପାଇଁ ଦୃଢ଼ ଭାବରେ ମାର୍ଗ ପ୍ରସ୍ତୁତ କରୁଛୁ।
- ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ, ଏହି ୧୧ ବର୍ଷର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଲୋକଙ୍କୁ ସବସିଡି କିମ୍ବା ସେବା ଅପେକ୍ଷା ଅଧିକ ମୂଲ୍ୟବାନ କିଛି ଦେଇଛି। ସେମାନେ ସେମାନଙ୍କୁ ଏକ ବିଶ୍ୱାସ ଦେଇଛନ୍ତି। ଏବଂ ଏକ ଉନ୍ନତ ଭବିଷ୍ୟତ ପ୍ରତି ଏକ ଦୃଢ଼ ବିଶ୍ୱାସ ହିଁ ଦେଶକୁ ଆଗକୁ ବଢ଼ାଏ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପରିଚାଳିତ ଏହି ଦୃଷ୍ଟିକୋଣ ଚାରୋଟି ସରଳ କିନ୍ତୁ ଶକ୍ତିଶାଳୀ ସ୍ତମ୍ଭ ଉପରେ ଆଧାରିତ। ସଂଯୋଗକାରୀ ଭିତ୍ତିଭୂମି ନିର୍ମାଣ, ସମନ୍ୱିତ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟିକାରୀ ଉତ୍ପାଦନ, ଏବଂ ସଶକ୍ତ କରୁଥିବା ବ୍ୟବସ୍ଥାର ସରଳୀକରଣ।

ଜଣେ ପ୍ରବୀଣ ରାଜନେତା

ଉତ୍ତରପ୍ରଦେଶର ପୂର୍ବାଞ୍ଚଳରେ ଏକ ଲୋକପ୍ରିୟ ପ୍ରବାଦ ଅଛି। ଏଠାକାର ଲୋକଙ୍କ ରକ୍ତରେ ବହୁତ ଲୌହ ଅଛି ବୋଲି କୁହାଯାଏ। ଚନ୍ଦ୍ର ଶେଖରଙ୍କ ଜନ୍ମ ବଲିଆର ଏହି ଭୂମିରେ ହୋଇଥିଲା। ସେ ଛାତ୍ର ରାଜନୀତିରୁ ଉଠି ଦେଶର ପ୍ରଧାନମନ୍ତ୍ରୀ ହୋଇଥିବା ଜଣେ ନେତା। ତାଙ୍କର ଦୃଢ଼ ସଂକଳ୍ପ, ସାହସ ଏବଂ ଇଚ୍ଛାଶକ୍ତି ଯୋଗୁଁ ସେ ରାଜନୀତିର ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ଯିଏ ଯିଏ କେବେ କାହା ଆଗରେ ମୁଣ୍ଡ ନୁଆଁଇ ନଥିଲେ। ଚନ୍ଦ୍ର ଶେଖର ପ୍ରାୟତଃ କହୁଥିଲେ, 'ମୋତେ କାରାଗାରରେ ରଖ କିମ୍ବା ମୋତେ ଚୁପ୍ କରିବାକୁ ଚେଷ୍ଟାକର, କିନ୍ତୁ ତୁମେ କେବେ ମୋର ପ୍ରଶ୍ନଗୁଡ଼ିକୁ ବାନ୍ଧି ପାରିବ ନାହିଁ' ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ସ୍ୱଳ୍ପ ସମୟ ସତ୍ତ୍ୱେ, ଦେଶ ସର୍ବଦା ରାଷ୍ଟ୍ର ନିର୍ମାଣ ପ୍ରତି ତାଙ୍କର ଚିନ୍ତାଧାରା ଏବଂ ପ୍ରୟାସକୁ ମନେ ରଖିବ...

ଚନ୍ଦ୍ର ଶେଖରଙ୍କ ଜନ୍ମ ୧୭ ଏପ୍ରିଲ ୧୯୨୭ ମସିହାରେ ଉତ୍ତର ପ୍ରଦେଶର ବଲିଆ ଜିଲ୍ଲାର ଇବ୍ରାହିମପଟ୍ଟି ଗ୍ରାମର ଏକ ଚାଷୀ ପରିବାରରେ ହୋଇଥିଲା। ସେ ବାଲ୍ୟକାଳରୁ ରାଜନୀତି ପ୍ରତି ଆକର୍ଷିତ ହୋଇଥିଲେ। ସେ ତାଙ୍କର ବିପ୍ଳବୀ ଉତ୍ସାହ ଏବଂ ଅଗ୍ନିବର୍ଷୀ ଭାଷଣ ପାଇଁ ଜଣାଶୁଣା ହୋଇଥିଲେ। ଏହା ତାଙ୍କୁ ଜଣେ ପ୍ରଗତିଶୀଳ ଏବଂ ତାଙ୍କ ସମୟର ଜଣେ ଦକ୍ଷ ଯୁବନେତା କରିଥିଲା ଯିଏ ନିଷ୍ଠା, ସାହସ ଏବଂ ସଚ୍ଚୋଟତାର ସହିତ ନ୍ୟସ୍ତ ସ୍ୱାର୍ଥ ବିରୁଦ୍ଧରେ ଲଢ଼ିଥିଲେ। ଜରୁରୀକାଳୀନ ପରିସ୍ଥିତି ସମୟରେ ଗିରଫ ହୋଇ ଜେଲ ପଠାଯାଇଥିବା ଶାସକ ଦଳର ସଦସ୍ୟମାନଙ୍କ ମଧ୍ୟରେ ଚନ୍ଦ୍ର ଶେଖର ଥିଲେ। ସେ ସର୍ବଦା କ୍ଷମତା ରାଜନୀତିର ବିରୋଧ କରୁଥିଲେ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସାମାଜିକ ପରିବର୍ତ୍ତନ ପ୍ରତି ପ୍ରତିବଦ୍ଧତାର ରାଜନୀତିକୁ ପ୍ରୋତ୍ସାହିତ କରୁଥିଲେ।

ଚନ୍ଦ୍ର ଶେଖରଙ୍କ ନୈତିକତା ଏବଂ ଶାଳୀନତା ଅସାଧାରଣ ଥିଲା। ଏହା ତାଙ୍କ ଆଚରଣରେ ସ୍ପଷ୍ଟ ଥିଲା। ଉଦାହରଣ ସ୍ୱରୂପ, ସେ ବ୍ୟକ୍ତିଗତ ଏବଂ ସାର୍ବଜନୀନ ଭାବରେ ଅଟଳ ବିହାରୀ ବାଜପେୟୀଙ୍କୁ 'ଗୁରୁଜୀ' ବୋଲି ନିରନ୍ତର ସମ୍ବୋଧନ କରୁଥିଲେ। କେବଳ ସେତିକି ନୁହେଁ, ସେ ଗୃହରେ କହୁଥିଲେ, 'ଗୁରୁଜୀ, ଦୟାକରି ମୋତେ କ୍ଷମା କରନ୍ତୁ; ମୁଁ ଆପଣଙ୍କୁ ଟିକେ ସମାଲୋଚନା କରିବି।' ଚନ୍ଦ୍ର ଶେଖର ଆଠ ଥର ବଲିଆର ସାଂସଦ ଥିଲେ। ଚନ୍ଦ୍ର ଶେଖର ଜାନୁଆରୀ ୬ ରୁ ଜୁନ ୨୫, ୧୯୮୩ ମଧ୍ୟରେ ଦକ୍ଷିଣରେ କନ୍ୟାକୁମାରୀରୁ ନୂଆଦିଲ୍ଲୀର ରାଜଘାଟ ପର୍ଯ୍ୟନ୍ତ ୪୨୬୦ କିଲୋମିଟର ଚାଲିଥିଲେ। ତାଙ୍କ ଯାତ୍ରାର ମୁଖ୍ୟ ଲକ୍ଷ୍ୟ ଥିଲା ଲୋକଙ୍କୁ ଭେଟିବା ଏବଂ ସେମାନଙ୍କର ପ୍ରମୁଖ ଆହ୍ୱାନ ବିଷୟରେ ଜାଣିବା।

ସେ ସାମାଜିକ ଏବଂ ରାଜନୈତିକ କର୍ମୀମାନଙ୍କୁ ତାଲିମ ଦେବାର ଲକ୍ଷ୍ୟରେ କେରଳ, ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର, ମଧ୍ୟ ପ୍ରଦେଶ,

ଜନ୍ମ: ୧୭ ଏପ୍ରିଲ ୧୯୨୭ | ମୃତ୍ୟୁ: ୮ ଜୁଲାଇ ୨୦୦୭

ଗୁଜରାଟ, ଉତ୍ତର ପ୍ରଦେଶ ଏବଂ ହରିୟାଣା ସମେତ ଦେଶର ବିଭିନ୍ନ ସ୍ଥାନରେ ୧୫ ଟି ଭାରତ ଯାତ୍ରା କେନ୍ଦ୍ର ପ୍ରତିଷ୍ଠା କରିଥିଲେ ଯାହା ଦ୍ୱାରା ସେମାନେ ଲୋକମାନଙ୍କୁ ଶିକ୍ଷିତ କରିପାରିବେ ଏବଂ ଦେଶର ପଛୁଆ ଅଞ୍ଚଳରେ ତୃଣମୂଳ ସ୍ତରରେ କାମ କରିପାରିବେ। ପ୍ରଧାନମନ୍ତ୍ରୀ ଭିପି ସିଂହଙ୍କ ଇସ୍ତଫା ପରେ ସେ ୧୦ ନଭେମ୍ବର ୧୯୯୦ ରୁ ୨୧ ଜୁନ୍ ୧୯୯୧ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ଥିଲେ। ତାଙ୍କର ମୃତ୍ୟୁ ୮ ଜୁଲାଇ ୨୦୦୭ ରେ ହୋଇଥିଲା। ତାଙ୍କ ଜନ୍ମବାର୍ଷିକୀରେ ତାଙ୍କୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, "ଚନ୍ଦ୍ର ଶେଖର ଜୀ ଜଣେ ମହାନ ବ୍ୟକ୍ତିତ୍ୱ ଥିଲେ, ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ତାଙ୍କର ପ୍ରତିବଦ୍ଧତା ଏବଂ ଦାରିଦ୍ର୍ୟ ଦୂରୀକରଣ ପାଇଁ ପ୍ରୟାସ ପାଇଁ ସେ ସର୍ବଦା ପ୍ରଶଂସିତ ହୋଇଥିଲେ। ସେ ସର୍ବଦା ଦୁର୍ବଳ ବର୍ଗ ଏବଂ ବଞ୍ଚିତଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ ଅପରେସନ ସିନ୍ଦୂରର ପ୍ରତିନିଧିମଣ୍ଡଳୀକୁ ଭେଟିଥିଲେ

ସମସ୍ତ ପାର୍ଟିର ପ୍ରତିନିଧିମଣ୍ଡଳୀ

ବିଶ୍ୱ ନିକଟରେ ଭାରତର ଆଭିମୁଖ୍ୟକୁ ଉପସ୍ଥାପିତ କରିଥିଲେ

୨୨ ଏପ୍ରିଲରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା କାପୁରୁଷ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ସୀମାପାର ଆତଙ୍କବାଦ ବିରୁଦ୍ଧରେ ଅପରେସନ ସିନ୍ଦୂର କରି ସ୍ଥଳ, ଜଳ ଏବଂ ଆକାଶରେ ନିଜର ରଣନୈତିକ ଶକ୍ତି ପ୍ରଦର୍ଶନ କରିଥିଲା। ଅନ୍ୟପକ୍ଷରେ, ବିଶ୍ୱ ସ୍ତରରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦକୁ ପର୍ଦ୍ଦାଫାସ କରିବା ପାଇଁ, ମେ ମାସ ଶେଷରେ ବିଭିନ୍ନ ରାଜନୈତିକ ଦଳର ସାଂସଦ ଏବଂ ପୂର୍ବତନ କୂଟନୀତିଜ୍ଞଙ୍କ ସମେତ ଭାରତର ସାତ ଜଣ ପ୍ରତିନିଧିମଣ୍ଡଳୀ, ମିଳିତ ଜାତିସଂଘ ସୁରକ୍ଷା ପରିଷଦ ସଦସ୍ୟ ଦେଶ ସମେତ ପ୍ରମୁଖ ଅଂଶୀଦାର ଦେଶ ଗସ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁନ୍ ୧୦ ରେ ତାଙ୍କ ସରକାରୀ ବାସଭବନରେ ସମସ୍ତ ପ୍ରତିନିଧିମଣ୍ଡଳୀ ସଦସ୍ୟଙ୍କୁ ଭେଟିଥିଲେ ଏବଂ ବିଶ୍ୱ ମଞ୍ଚରେ ଭାରତର ସ୍ୱରକୁ ଆଗକୁ ନେବାରେ ସେମାନଙ୍କର ଉଦ୍ୟମ ପାଇଁ ସେମାନଙ୍କୁ ପ୍ରଶଂସା କରିଥିଲେ...

ଭାରତ ଏବେ କେବଳ ଆତଙ୍କବାଦ ବିରୁଦ୍ଧରେ ପ୍ରମାଣ ଦାଖଲ କରେ ନାହିଁ ବରଂ ଏକ ଦୃଢ଼ ପ୍ରତିକ୍ରିୟା ମଧ୍ୟ ଦିଏ। ଏପରି ଏକ ପ୍ରତିକ୍ରିୟା ଯାହାର ପ୍ରତିଧ୍ୱନି ସାରା ବିଶ୍ୱରେ ଶୁଣାଯାଏ। ପହଲଗାମରେ ହୋଇଥିବା କାପୁରୁଷ ଆତଙ୍କବାଦୀ ଆକ୍ରମଣ ପରେ, ବିଶ୍ୱ ଅପରେସନ ସିନ୍ଦୂର ଆରମ୍ଭ ସହିତ ଏହାର ଶକ୍ତି ଦେଖିଥିଲା। ଅପରେସନ ସିନ୍ଦୂର ଏବଂ ଆତଙ୍କବାଦ ବିରୁଦ୍ଧରେ ଭାରତର ସ୍ଥିତି ବିଷୟରେ ବିଶ୍ୱକୁ ଅବଗତ କରାଇ ଦେଶକୁ ଫେରିଥିବା ସର୍ବଦଳୀୟ ପ୍ରତିନିଧି ଦଳର ସଦସ୍ୟମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଥିଲେ ଏବଂ ଗସ୍ତର ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ରାତ୍ରୀଭୋଜନ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ପ୍ରତିନିଧି ଦଳ ସହିତ ଏକ ଘଣ୍ଟାରୁ ଅଧିକ ସମୟ ବିତାଇଲେ ଏବଂ ସେମାନଙ୍କୁ ବ୍ୟକ୍ତିଗତ ଭାବରେ ଭେଟିଥିଲେ। ସେ ସମସ୍ତ ପ୍ରତିନିଧି ଦଳ ସହିତ କଥା ହୋଇଥିଲେ। ପ୍ରତିନିଧି ଦଳ ବିଶ୍ୱ ସମ୍ମୁଖରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦର ସତ୍ୟ ଉପସ୍ଥାପନ କରିଥିଲେ। ଏହା

ବିଭିନ୍ନ ଦେଶରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ବିଭିନ୍ନ ପ୍ରତିନିଧିମଣ୍ଡଳର ସଦସ୍ୟମାନଙ୍କୁ ଭେଟିଲି। ଶାନ୍ତି ପ୍ରତି ଭାରତର ପ୍ରତିବଦ୍ଧତା ଏବଂ ଆତଙ୍କବାଦର ବିପଦକୁ ଦୂର କରିବାର ଆବଶ୍ୟକତା ବିଷୟରେ ବିସ୍ତୃତ ଆଲୋଚନା କଲି। ସେମାନେ ଭାରତର ସ୍ୱରକୁ ଆଗକୁ ବଢ଼ାଉଥିବାର ଆମେ ସମସ୍ତେ ଗର୍ବିତ।

- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଗୋଟିଏ ମିଶନ, ଗୋଟିଏ ବାର୍ତ୍ତା, ଗୋଟିଏ ଭାରତ

ଗ୍ରୁପ୍ ୫

ଏହି ଦଳ ଆମେରିକା, ପାନାମା, ଗୁଆନା, ବ୍ରାଜିଲ୍ ଏବଂ କଲମ୍ବିଆ ଗସ୍ତ କରିଥିଲା। ଏହି ଦଳର ନେତୃତ୍ୱ ନେଇଥିଲେ କଂଗ୍ରେସ ସାଂସଦ ଡକ୍ଟର ଶଶି ଥରୁର। ଦଳରେ ଏଲଜେପି (ରାମ ବିଳାସ) ସାଂସଦ ଶମ୍ଭବୀ ଚୌଧୁରୀ, ଜେଏମଏମର ସରଫରାଜ ଅହମ୍ମଦ, ତେଲୁଗୁ ଦେଶମ ପାର୍ଟିର ଜିଏମ ହରିଶ ବାଲଯୋଗୀ, ଶିବସେନାର ମିଲିନ୍ଦ ଦେଓରା ଏବଂ ପୂର୍ବତନ କୂଟନୀତିଜ୍ଞ ତରନଜିତ ସିଂହ ସାନ୍ଧୁ ସାମିଲ୍ ଥିଲେ।

ଗ୍ରୁପ୍ ୨

ବିଜେପି ସାଂସଦ ରବି ଶଙ୍କର ପ୍ରସାଦଙ୍କ ନେତୃତ୍ୱରେ ଦଳ ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ୟୁରୋପୀୟ ସଂଘ, ଇଟାଲୀ ଏବଂ ଡେନମାର୍କ ଗସ୍ତ କରିଥିଲା। ଏଥିରେ ଶିବସେନା (ୟୁବିଟି) ସାଂସଦ ପ୍ରିୟଙ୍କା ଚତୁର୍ବେଦୀ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଏମଜେ ଆକବର ଏବଂ ପୂର୍ବତନ କୂଟନୀତିଜ୍ଞ ପଙ୍କଜ ସରନ ସାମିଲ ଥିଲେ।

ଗ୍ରୁପ୍ ୭

ଏନସିପି (ଶରଦଚନ୍ଦ୍ର ପାୱାର), ସାଂସଦ ସୁପ୍ରିୟା ସୁଲେଙ୍କ ନେତୃତ୍ୱରେ ଦଳ ଇଜିପ୍ଟ, କତର, ଇଥିଓପିଆ ଏବଂ ଦକ୍ଷିଣ ଆଫ୍ରିକା ଗସ୍ତ କରିଥିଲା। ଏଥିରେ କଂଗ୍ରେସ ସାଂସଦ ମନୀଷ ତିୱାରୀ, ବିଜେପି ସାଂସଦ ରାଜୀବ ପ୍ରତାପ ରୁଡି ଏବଂ ପୂର୍ବତନ କୂଟନୀତିଜ୍ଞ ସୟଦ ଆକବରୁଦ୍ଦିନ ମଧ୍ୟ ସାମିଲ ଥିଲେ।

ଜାତୀୟ ଏକତାର ଏକ ଶକ୍ତିଶାଳୀ ପ୍ରତିଫଳନ:
ସାତ ପ୍ରତିନିଧିମଣ୍ଡଳୀଙ୍କ ନେତୃତ୍ୱ ନେଇଥିଲେ

ଶଶି ଥରୁର,
କଂଗ୍ରେସ

ରବି ଶଙ୍କର ପ୍ରସାଦ,
ବିଜେପି

ସଞ୍ଜୟ କୁମାର ଝା,
ଜେଡିୟୁ

ବୈଜୟନ୍ତ ପଣ୍ଡା,
ବିଜେପି

କାନିମୋଜି କରୁଣାନିଧି,
ଡିଏମକେ

ସୁପ୍ରିୟା ସୁଲେ,
ଏନସିପି

ଶ୍ରୀକାନ୍ତ ଏକନାଥ ସିନ୍ଦେ,
ଶିବସେନା

ଗ୍ରୁପ୍ ୪

ଶିବସେନା ସାଂସଦ ଶ୍ରୀକାନ୍ତ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଦଳ ୟୁଏଇ, ଲିବିଆ, କଙ୍ଗୋ ଏବଂ ସିଏରା ଲିଓନ ଗସ୍ତ କରିଥିଲା। ଦଳରେ ବିଜେପି ସାଂସଦ ବାଂସୁରୀ ସ୍ୱରାଜ, ଇଣ୍ଡିଆନ ୟୁନିଅନ ମୁସଲିମ ଲିଗର ଇଟି ମହମ୍ମଦ ବଶୀର, ବିଜେଡିର ସସ୍ମିତ ପାତ୍ର ଏବଂ ପୂର୍ବତନ କୂଟନୀତିଜ୍ଞ ସୁଜନ ଚିନୟ ଥିଲେ।

ଗ୍ରୁପ୍ ୬

ଡିଏମକେ ସାଂସଦ କାନିମୋଝି କରୁଣାନିଧିଙ୍କ ନେତୃତ୍ୱରେ ଦଳ ସ୍ପେନ୍, ଗ୍ରୀସ୍, ସ୍ଲୋଭେନିଆ, ଲାଟଭିଆ ଏବଂ ରୁଷ ଗସ୍ତ କରିଥିଲା। ଏଥିରେ ସମାଜବାଦୀ ପାର୍ଟିରୁ ରାଜୀବ ରାୟ, ରାଷ୍ଟ୍ରୀୟ ଜନତା ଦଳରୁ ପ୍ରେମଚାନ୍ଦ ଗୁପ୍ତା ଏବଂ ଆମ ଆଦମୀ ପାର୍ଟିରୁ ଅଶୋକ କୁମାର ମିତ୍ତଲ ସାମିଲ ଥିଲେ।

ଗ୍ରୁପ୍ ୩

ଦଳଟି ଇଣ୍ଡୋନେସିଆ, ମାଲେସିଆ, କୋରିଆ ଗଣରାଜ୍ୟ, ଜାପାନ ଏବଂ ସିଙ୍ଗାପୁର ଗସ୍ତ କରିଥିଲା। ଏହାର ନେତୃତ୍ୱ ଜେଡିୟୁ ରାଜ୍ୟସଭା ସାଂସଦ ସଞ୍ଜୟ କୁମାର ଝା ନେଇଥିଲେ। ଏହି ଦଳରେ ବିଜେପି ସାଂସଦ ଆପରାଜିତା ସାରଙ୍ଗୀ, ସିପିଆଇ (ଏମ୍) ସାଂସଦ ଡ. ଜନ୍ ବ୍ରିଟାସ୍, କଂଗ୍ରେସର ସଲମାନ ଖୁରସିଦ ଏବଂ ପୂର୍ବତନ କୂଟନୀତିଜ୍ଞ ମୋହନ କୁମାର ସାମିଲ ଥିଲେ।

ଗ୍ରୁପ୍ ୧

ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ସାଉଦି ଆରବ, କୁଏତ, ବାହାରିନ ଏବଂ ଆଲଜେରିଆ ଗସ୍ତ କରିଥିଲା। ଏଥିରେ ବିଜେପିର ଡକ୍ଟର ନିଶିକାନ୍ତ ଦୁବେ, ସାଂସଦ ଫାଙ୍ଗନନ୍ କୋନ୍ୟାକ୍, ଏଆଇଏମଆଇଏମ ସାଂସଦ ଅସଦୁଦ୍ଦିନ୍ ଓୱେସି, ଗୁଲାମ ନବୀ ଆଜାଦ ଏବଂ ପୂର୍ବତନ କୂଟନୀତିଜ୍ଞ ହର୍ଷ ଶ୍ରିଙ୍ଗଲା ସାମିଲ ଥିଲେ।

ଆତଙ୍କବାଦ ବିରୁଦ୍ଧରେ ଭାରତର ସାମୂହିକ ସଂକଳ୍ପକୁ ପ୍ରତିଫଳିତ କରେ। ସର୍ବଦଳୀୟ ପ୍ରତିନିଧି ଦଳ ଭାରତର ଜାତୀୟ ସହମତି ଏବଂ ସମସ୍ତ ପ୍ରକାର ଆତଙ୍କବାଦର ମୁକାବିଲା ପାଇଁ ଦୃଢ଼ ଆଭିମୁଖ୍ୟ ପ୍ରଦର୍ଶନ କରିଥିଲେ। ଏହା ସହିତ, ସେମାନେ ବିଶ୍ୱକୁ ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ-ସହନଶୀଳତା ନୀତିର ଏକ ଦୃଢ଼ ବାର୍ତ୍ତା ଦେଇଥିଲେ। ●

G
S
T

ଅର୍ଥନୀତିର ଅମୃତ ଯାତ୍ରା

ଦେଶ ସ୍ୱାଧୀନତା ଲାଭ କରିବାର ୬୭ ବର୍ଷ ପରେ, ଅର୍ଥାତ୍, ୨୦୧୪ ମସିହାରେ, ଦେଶର ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.) ମାତ୍ର ୨.୦୪ ଟ୍ରିଲିଅନ ଡଲାର ଛୁଇଁଥିଲା । ଦେଶର ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଅନେକ ଗୁଡ଼ିଏ ସଂସ୍କାର କରାଯିବାର ଆବଶ୍ୟକତା ଅନୁଭୂତ ହୋଇ ଆସୁଥିଲା । ସେହିସବୁ ସଂସ୍କାର, ଉତ୍ତରାଧିକାର ସୂତ୍ରେ ମିଳିଥିବା ନାନାଦି ସମସ୍ୟା ମଧ୍ୟରେ କାର୍ଯ୍ୟକାରୀ କରାଯାଇଥିଲା । ଏହି ସଂସ୍କାର ଯାତ୍ରାରେ ଗୋଟିଏ ମାଇଲଖୁଣ୍ଟ ୨୦୧୭ ମସିହା ଜୁଲାଇ ୧ ତାରିଖ ଦିନ ବସ୍ତୁ ଓ ସେବା କର (ଜି.ଏସ.ଟି.) ମାଧ୍ୟମରେ ହାସଲ କରାଯାଇଥିଲା ଯେଉଁଥିପାଇଁ ଦେଶକୁ ଦୀର୍ଘ ୧୭ ବର୍ଷ ଧରି ପ୍ରତୀକ୍ଷା କରିବାକୁ ପଡ଼ିଥିଲା। ପରିଣାମ ସ୍ୱରୂପ, ଦେଶ ଆଉ ଗୋଟିଏ ମାଇଲଖୁଣ୍ଟ ମଧ୍ୟ ହାସଲ କରିଛି ଏବଂ ଜାପାନ ଭଳି ରାଷ୍ଟ୍ରକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥବ୍ୟବସ୍ଥା ହେବାର ଗୌରବ ଲାଭ କରିପାରିଛି। ଏଭଳି ଅଭୂତପୂର୍ବ ସଫଳତା ହାସଲ ସହିତ, ଦେଶ ବିକଶିତ ଭାରତ ଗଠନ କରିବା ଦିଗରେ ଆଉ ପାଦେ ଆଗକୁ ଅଗ୍ରସର ହୋଇଛି...

ଯଦି ରାଷ୍ଟ୍ରକୁ ଆଗକୁ ଆଗେଇବାକୁ ହେବ, ତେବେ ଭାରତକୁ ଆଧୁନିକତା ଦିଗରେ ଅଗ୍ରଗତି କରିବାକୁ ପଡ଼ିବ । ସେଥି ନିମନ୍ତେ, ଏହା ଜରୁରି ଯେ ଆମେ ଯେପରି କୌଣସି ସମୟ ଅପଚୟ କରିବା ନାହିଁ ।

ଯେତେବେଳେ ଦେଶର ସର୍ବୋଚ୍ଚ ନେତୃତ୍ୱ ସୁଦୃଢ଼ ହୋଇଥିବେ, ଏହାର ପରିଣାମ ସଦାସର୍ବଦା ଅଭୂତପୂର୍ବ ହେବା ସୁନିଶ୍ଚିତ । ଭାରତ ନିମନ୍ତେ, ଯାହାକି ଏବେ ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ସକାଶେ ଅମୃତ ଯାତ୍ରାରେ ଆଗକୁ ଅଗ୍ରସର ହେଉଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନାରେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ମାଇଲଖୁଣ୍ଟ ହାସଲ କରିବାଠାରୁ ବଳି ଆଉ ଅଧିକ ସୁଖଦ ଅନୁଭବ କ'ଣ ହୋଇପାରେ? ଆଜି ଭାରତ ୪ ଟ୍ରିଲିଅନ୍ ଡଲାରରୁ ଅଧିକ ପୁଂଜି ସହିତ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହୋଇପାରିଛି । ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇ.ଏମ.ଏଫ.)ର ସଦ୍ୟତମ ରିପୋର୍ଟ ଅନୁସାରେ, ଭାରତ ବର୍ତ୍ତମାନ ବିଶ୍ୱର ଚତୁର୍ଥ ସର୍ବବୃହତ୍ ଅର୍ଥ ବ୍ୟବସ୍ଥାରେ ପହଂଚିଛି । ଆଇ.ଏମ.ଏଫ.ର ମତାନୁସାରେ, ଭାରତର ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.) ବର୍ତ୍ତମାନ

୪.୧୯ ଟ୍ରିଲିଅନ୍ ଡଲାର ଛୁଇଁଛି । ଜାପାନକୁ ପଛରେ ପକାଇ ଭାରତ ଏହି ସଫଳତା ଓ ଗୌରବ ଅର୍ଜନ କରିଛି ।

କୁହାଯାଏ ଯେ ଅତୀତର ତଥ୍ୟ ଉପରେ କଦାପି ଭବିଷ୍ୟତର ସୌଧ ଗଢ଼ି ହୋଇପାରିବ ନାହିଁ । ସେଥି ପାଇଁ ବର୍ତ୍ତମାନକୁ ଉଚିତ ମାର୍ଗରେ ପରିଚାଳିତ କରିବା ହେଉଛି ବିଜ୍ଞଜନଙ୍କ କାର୍ଯ୍ୟ । ସେହି କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେତେବେଳେ ୨୦୧୪ ମସିହାରେ ଦେଶର ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କଲେ, ଭାରତର ଅର୍ଥବ୍ୟବସ୍ଥାକୁ ପୁଣି ଥରେ ଠିକ୍ ରାସ୍ତାକୁ ଆଣିବା ସକାଶେ ସେ ଅନେକ ଗୁଡ଼ିଏ କଠୋର ପଦକ୍ଷେପ ଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରଥମେ ପୂର୍ବରୁ ଥିବା ସେହିସବୁ ଧାରାକୁ ଭାଙ୍ଗିବାକୁ ପ୍ରୟାସ କରିଥିଲେ, ଯାହା ଆର୍ଥିକ ପ୍ରଗତି କ୍ଷେତ୍ରରେ ଗତି ରୋଧକ ଭାବରେ କାର୍ଯ୍ୟ କରୁଥିଲା। ଅନାବଶ୍ୟକ ଆଇନମାନକୁ ଏଥିପାଇଁ ହଟାଇ ଦିଆଗଲା, ଶିଳ୍ପ ଏବଂ ନିବେଶକମାନଙ୍କ ନିମନ୍ତେ ଏକକ ବାତାୟନ (ସିଙ୍ଗଲ ୱିଣ୍ଡୋ) ଅନୁମତି ଧାରା ପ୍ରବର୍ତ୍ତନ କରାଗଲା ,ପୁଂଜି ନିବେଶ ସକାଶେ ଏକ ଅନୁକୂଳ ଏବଂ ଉତ୍ତମ ବାତାବରଣ ସୃଷ୍ଟି କରାଗଲା ଏବଂ ସର୍ବୋପରିଇଜ୍ ଅଫ୍ ଡୁଇଂ ବିଜନେସକୁ ବ୍ୟାପକ ଭାବରେ ଉନ୍ନତ କରାଗଲା । ଏହା ସହିତ, ପ୍ରଯୁକ୍ତି ସହିତ ଆର୍ଥିକ ପ୍ରଗତିକୁ ସୁଶାସନ ଆଧାରରେ ମିଶ୍ରଣ ଘଟାଗଲା । ଉଦାହରଣ ସ୍ୱରୂପ, ନିବେଶ ବୃଦ୍ଧି ପାଇଁ ଭାରତ କିପରି ସାରା ବିଶ୍ୱରେ ଏକ ଅନୁକୂଳ ଏବଂ ଉତ୍ତମ ଲକ୍ଷ୍ୟସ୍ଥଳରେ ପରିଣତ ହେବ ସେଥିପାଇଁ ସୁଚିନ୍ତିତ ପରିବେଶ ସୃଷ୍ଟି କରାଗଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ @୨୦୪୭' ପରିକଳ୍ପନା ସହିତ ଭାରତ ବିଶ୍ୱ ଦୃଶ୍ୟପଟ୍ଟରେ ନିଜକୁ ସୁଦୃଢ଼ ଭାବରେ ସୁପ୍ରତିଷ୍ଠିତ କରିବା ନିମନ୍ତେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟ ଗ୍ରହଣ କରିଥିଲା । ସେଇଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହନ୍ତି, 'ଆଜି ଆମେ ବିଶ୍ୱର ଚତୁର୍ଥ ବୃହତ୍ତମ ଆର୍ଥିକ ମହାଶକ୍ତି ଭାବରେ ଉଭା ହୋଇପାରିଛୁ । ଆଜି ଯେକୌଣସି ବ୍ୟକ୍ତି ସନ୍ତୁଷ୍ଟିର ସହିତ କହିପାରିବ ଯେ ବର୍ତ୍ତମାନ ଆମେ ଜାପାନ ଠାରୁ ଆଗକୁ ଆଗେଇ ଯାଇପାରିଛୁ ଏବଂ ଆଗକୁ ପ୍ରଗତି କରିଚାଲିଛୁ ଏବଂ ମୋର ସ୍ମରଣ ଅଛି, ଯେତେବେଳେ ଆମେ ଛଅ ନମ୍ବରୁ ପାଞ୍ଚ ନମ୍ବରକୁ ଉନ୍ନୀତ ହୋଇଥିଲୁ, ସେତେବେଳେ ଦେଶରେ ଏକ ଭିନ୍ନ ରକମର ଉତ୍ସାହ ଦେଖା ଦେଇଥିଲା। ଅନେକ ଉଦ୍ଦୀପନା ସୃଷ୍ଟି ହୋଇଥିଲା, ବିଶେଷ କରି ଯୁବଗୋଷ୍ଠୀଙ୍କ ମଧ୍ୟରେ ତାହା ପରିଲକ୍ଷିତ ହୋଇଥିଲା ଏବଂ ତାହାର କାରଣ ଏହା ଥିଲା ଯେ ଆମେ ବ୍ରିଟେନକୁ ପଛରେ ପକାଇ ବିଶ୍ୱର ପଞ୍ଚମ ଆର୍ଥିକ ମହାଶକ୍ତି ହୋଇପାରିଥିଲୁ । ସେହି ବ୍ରିଟେନ୍ ଯିଏ ଦିନେ ଆମକୁ ଦୀର୍ଘ ୨୫୦ ବର୍ଷ ଧରି ଶାସନ କରିଥିଲା । କିନ୍ତୁ ବର୍ତ୍ତମାନ ଚତୁର୍ଥ ସ୍ଥାନକୁ ଉନ୍ନୀତ ହେବାରେ ଖୁସି ମନାଇବାର ଏକାଧିକ କାରଣ ରହିଛି ଏବଂ ତୃତୀୟ ସ୍ଥାନକୁ ଉନ୍ନୀତ ହେବା ନିମନ୍ତେ ଆମ ଉପରେ ଚାପ ମଧ୍ୟ ରହିଛି । ବର୍ତ୍ତମାନ ଦେଶ ଅପେକ୍ଷା କରିବାକୁ ମଧ୍ୟ ପ୍ରସ୍ତୁତ ଅଛି ଏବଂ ଯଦି କେହି ଜଣେ ଏଭଳି ପ୍ରତୀକ୍ଷାର କାରଣ ପଚାରେ, ତେବେ ଯେଉଁ ସ୍ଲୋଗାନ ମୁଣ୍ଡ ଟେକୁଛି, ତାହା ହେଲା – ମୋଦୀ ହେ ତେ ମୁମକୀନ ହେ ।

ମିଳିତ ଜାତିସଂଘର ରିପୋର୍ଟ ଅନୁସାରେ, ଭାରତ ବର୍ତ୍ତମାନ ବିଶ୍ୱର ଦ୍ରୁତତମ ଆର୍ଥିକ ବ୍ୟବସ୍ଥା ଭାବରେ ଶୀର୍ଷରେ ରହିଛି । ମିଳିତ ଜାତିସଂଘ ବିଶ୍ୱ ଆର୍ଥିକ ସ୍ଥିତି ଏବଂ ସମ୍ଭାବନା –ଡବ୍ଲ୍ୟୁ.ଇ.ଏସ.ପି.ର ଅର୍ଦ୍ଧ ବାର୍ଷିକ ରିପୋର୍ଟ ଅନୁସାରେ, ଭାରତର ଅର୍ଥବ୍ୟବସ୍ଥା ୬.୩ ପ୍ରତିଶତ ହାରରେ ଚଳିତ ଆର୍ଥିକ ବର୍ଷରେ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ମିଳିତ ଜାତିସଂଘର ବରିଷ୍ଠ ଅର୍ଥନୀତିଜ୍ଞ ଇନଗୋପିଟେର୍ଲେ କହିଛନ୍ତି ଯେ ଏହି ଅଭିବୃଦ୍ଧି ଉପଭୁକ୍ତି ଏବଂ ଘରୋଇ ଉଦ୍ୟୋଗମାନଙ୍କରେ ସରକାରୀ ପୁଂଜି ନିବେଶ ଫଳରେ ସମ୍ଭବପର ହୋଇପାରିଛି। ଏହି ରିପୋର୍ଟ ଆକଳନ

ଆମମାନଙ୍କ ପାଇଁ ଏବେ ବିପୁଳ ସମ୍ଭାବନା ଭରି ରହିଛି । ଯଦି ଚତୁର୍ଥ ସ୍ଥାନରୁ ତୃତୀୟ ସ୍ଥାନ ଅଧିକାର ନିମନ୍ତେ ଆମେ ଭାରତର ସହରମାନଙ୍କର ଆର୍ଥିକ ସ୍ଥିତି ଉପରେ ଆଲୋକପାତ କରିବା ତେବେ ଖୁବ୍ ଶୀଘ୍ର ଆମେ ସେହି ସ୍ଥାନରେ ପହଂଚିପାରିବା । ଏକଦା ସମୟ୍ ଥିଲା ଯେତେବେଳେ କୁହାଯାଉଥିଲା – ଭାରତ କାହିଁକି? କିନ୍ତୁ ବର୍ତ୍ତମାନ ଦେଶରେ ଘଟିଥିବା ସଂସ୍କାର ପ୍ରକ୍ରିୟାର ପ୍ରଭାବକୁ ଦେଖି ସଭିଏଁ କହୁଛନ୍ତି 'ଭାରତ କାହିଁକି ନୁହେଁ?'

-ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

କରେ ଯେ ଭାରତୀୟ ଅର୍ଥନୀତି ପର ବର୍ଷ ୬.୪ ପ୍ରତିଶତ ହାରରେ ବୃଦ୍ଧି ପାଇବ ।

ଭାରତୀୟ ଅର୍ଥନୀତିରେ ଦ୍ରୁତ ପରିବର୍ତ୍ତନ

୨୦୧୩ ମସିହାରେ ଏପରି ଏକ ସମୟ ଥିଲା ଯେତେବେଳେ ଭାରତୀୟ ଅର୍ଥବ୍ୟବସ୍ଥାକୁ 'ପଞ୍ଚ ଭଙ୍ଗୁର' ଗୋଷ୍ଠୀର ଏକ ସଦସ୍ୟ ଭାବରେ ବିବେଚନା କରାଯାଉଥିଲା । କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବର୍ତ୍ତମାନ ବିଶ୍ୱରେ ଦ୍ରୁତତମ ଗତିଶୀଳ ପ୍ରମୁଖ ଅର୍ଥବ୍ୟବସ୍ଥାରେ ପରିଣତ ହୋଇପାରିଛି । ସେଥି ପାଇଁ ଆର୍ଥିକ ସ୍ତରରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଥମତଃ, ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣକୁ ଅଣାଯାଇଛି, ଇଜ୍ ଅଫ୍ ଡୁଇଂ ବିଜିନେସକୁ ପ୍ରୋତ୍ସାହିତ କରାଯାଇଛି ଏବଂ ଭାରତ ୨୦୧୪ ମସିହାରେ ବିଶ୍ୱ ରାଙ୍କିଙ୍ଗରେ ୧୪୨ତମ ସ୍ଥାନରେ ଥିବାବେଳେ ବର୍ତ୍ତମାନ ତାହା ୬୩ଶ ସ୍ଥାନକୁ ଉନ୍ନୀତ ହୋଇପାରିଛି । ଆର୍ଥିକ ନିଅଣ୍ଟକୁ ହ୍ରାସ କରିବା ସକାଶେ ପଦକ୍ଷେପମାନ ଗ୍ରହଣ କରାଯାଇଛି। ଟିକସ ନେଟ୍ ବ୍ୟବସ୍ଥାର ଉଚ୍ଛେଦ ସକାଶେ ଏକ ନୂଆ ବ୍ୟବସ୍ଥା



ଭାରତର ଜି.ଡି.ପି. ଅଭିବୃଦ୍ଧିର ଚିତ୍ର
ବର୍ଷ ପରେ ବର୍ଷ ପ୍ରଗତିର ଗତି

କୋଭିଡର ପରିଣାମ

ପ୍ରବର୍ତ୍ତନ କରାଯାଇଛି । ଏନ.ପି.ଏକୁ ହ୍ରାସ କରିବା ପାଇଁ ବ୍ୟାଙ୍କିଙ୍ଗ୍ ସଂସ୍କାର ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ନିଜ ପାଇଁ ଘରଟିଏ କ୍ରୟ କରିବା ସକାଶେ ବ୍ୟାଙ୍କରୁ ଋଣ ନେଲେ ତାହା ଉପରେ ସୁଧ ହାର ହ୍ରାସ କରାଯାଇଛି ଯାହା ଫଳରେ କୋଟି କୋଟି ଲୋକଙ୍କର ଘରଟିଏ କ୍ରୟ କରିବାର ସ୍ୱପ୍ନକୁ ବାସ୍ତବତାର ରୂପ ପ୍ରଦାନ କରାଯାଇଛି । ଏସବୁ କାର୍ଯ୍ୟ ବାସ୍ତବତାରେ ପରିଣତ ହୋଇଛି ଯାହା ଭାରତୀୟ ଅର୍ଥନୀତିର ସକାରାତ୍ମକ ଛବିକୁ ପ୍ରଦର୍ଶିତ କରୁଛି ଏବଂ ସୂଚୀତ କରୁଛି ଯେ ଭାରତ ଏବେ ଏକ ପ୍ରମୁଖ ଆର୍ଥିକ ଶକ୍ତିରେ ପରିଣତ ହେବା ଦିଗରେ ଆଗକୁ ଅଗ୍ରସର ହେଉଛି ।

କୌଣସି ପ୍ରକାର ବିରାଟ ବିପର୍ଯ୍ୟୟ ସମୟରେ ସରକାରଙ୍କ ପକ୍ଷେ ସାଧାରଣତଃ କିଛି କଠୋର ନିଷ୍ପତ୍ତି ଓ ପଦକ୍ଷେପ ଗ୍ରହଣ କରିବା ସମ୍ଭବପର ହୋଇ ନଥାଏ । ସେଭଳି ସ୍ଥିତିରେ, ଯେତେବେଳେ କୋଭିଡ୍-୧୯ ଭଳି ବୈଶ୍ୱିକ ମହାମାରୀ ଚାରିଆଡ଼େ ବ୍ୟାପିଥିଲା, ସେତେବେଳେ ଭାରତ ପରିପ୍ରେକ୍ଷୀରେ ଅର୍ଥନୀତି ନିମନ୍ତେ ଖୁବ୍ ନିରୁତ୍ସାହଜନକ କଥା କୁହାଯାଇଥିଲା । କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯିଏକି କଠୋର ପଦକ୍ଷେପ ଗ୍ରହଣ କରିବାରେ ସିଦ୍ଧହସ୍ତ ଏବଂ ଚାଲେଞ୍ଜକୁ ସୁଯୋଗରେ ବଦଳାଇ ଦେବାରେ ଧୂରୀଣ ସେ କୌଣସି କଥାରେ ବିଚଳିତ ହୋଇ ନଥିଲେ । ଏଭଳି ବିପର୍ଯ୍ୟୟରେ ସୁଦ୍ଧା ସେ ସୁଯୋଗକୁ ଲକ୍ଷ୍ୟ କରିପାରିଥିଲେ ଏବଂ ବିପଦ ସହିତ ମୁକାବିଲା କରିବାରେ ନିଜର ଦକ୍ଷତା

“ବିଗତ ଏକ ଦଶନ୍ଧି ମଧ୍ୟରେ, ଆମ ସରକାର ‘ବ୍ୟବସାୟ କରିବାର ଭୟ’କୁ ‘ବ୍ୟବସାୟ କରିବାର ସୁଯୋଗ’ରେ ପରିବର୍ତ୍ତନ କରିଦେଇଛନ୍ତି । ଭିତ୍ତିଭୂମି କ୍ଷେତ୍ରରେ ଅଭୂତପୂର୍ବ ବିକାଶ ଘଟିଛି ଯାହାକି ଲଜିଷ୍ଟିକ୍ସ ମୂଲ୍ୟ ଏବଂ ସକ୍ରିୟତାରେ ବୃଦ୍ଧି ଘଟାଇଛି । ଆମ ସରକାର ବିଶ୍ୱାସ କରନ୍ତି ଯେ ଘରୋଇ ସେକ୍ଟର ଭାରତର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗୀ ।

- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଗତ ୧୦ ବର୍ଷ ମଧ୍ୟରେ ଭାରତର ଅର୍ଥନୀତିରେ ୧୦୫% ଅଭିବୃଦ୍ଧି

ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇ. ଏମ.ଏଫ.)ର ମତ ଅନୁସାରେ ଭାରତୀୟ ଅର୍ଥନୀତିରେ ବିଗତ ୧୦ବର୍ଷ ମଧ୍ୟରେ ଅର୍ଥାତ୍, ୨୦୧୫ ଠାରୁ ୨୦୨୫ ମଧ୍ୟରେ ୧୦୫ ଗୁଣ ବୃଦ୍ଧି ଘଟିଛି । ବିଶ୍ୱର ଅନ୍ୟାନ୍ୟ ବିକାଶଶୀଳ ରାଷ୍ଟ୍ରମାନଙ୍କ ସହିତ ତୁଳନା କଲେ ଭାରତ ଦ୍ରୁତତମ ଆର୍ଥିକ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଭାବରେ ନିଜକୁ ପ୍ରମାଣିତ କରିଛି । ଏହି ୧୦ ବର୍ଷର ଅବଧି ମଧ୍ୟରେ, ଆମେରିକାର ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.)ରେ ୬୬ ପ୍ରତିଶତ ଅଭିବୃଦ୍ଧି ଘଟି ତାହା ୧୮.୩ ଟ୍ରିଲିୟନ ଡଲାରରୁ ୩୦.୩ ଟ୍ରିଲିୟନ ଡଲାରରେ ପହଂଚିଛି । ଚୀନର ଅର୍ଥନୀତି ୧୧.୧ ଟ୍ରିଲିୟନ ଡଲାରରୁ ବଢ଼ି ୧୯.୫ ଟ୍ରିଲିୟନ୍ ଡଲାର ଛୁଇଁଛି ଯାହାକୁ ୪୬ ପ୍ରତିଶତ ଅଭିବୃଦ୍ଧିକୁ ସୂଚାଉଛି ।

ସର୍କୁଲାର ଅର୍ଥନୀତିକୁ ପ୍ରେତ୍ସାହିତ କରିବାରେ ଭାରତର ନେତୃତ୍ୱ

...୨୦୫୦ ମସିହା ସୁଦ୍ଧା ଏହା ୨ ଟ୍ରିଲିୟନ୍ ଡଲାର ଛୁଇଁବ

ପାରମ୍ପରିକ 'ଆଣ, ପ୍ରସ୍ତୁତ କର, ବର୍ଜ୍ୟ'ଉତ୍ପାଦନ ଓ ଉପଯୋଗର ମଡେଲକୁ ପ୍ରତ୍ୟାଖ୍ୟାନ କରି ସର୍କୁଲାର ଅର୍ଥନୀତି ୨୦୩୦ ମସିହା ସୁଦ୍ଧା ବିଶ୍ୱବ୍ୟାପୀ ୪.୫ ଟ୍ରିଲିୟନ୍ ଡଲାରର ଅତିରିକ୍ତ ଆଉଟପୁଟ୍ ସୃଷ୍ଟି କରିବାର ସାମର୍ଥ୍ୟ ବହନ କରେ । ବିଶେଷ କରି ଭାରତ ପରିପ୍ରେକ୍ଷୀରେ, ଏହା ଆକଳନ କରାଯାଇଛି ଯେ ୨୦୫୦ ମସିହା ସୁଦ୍ଧା ଭାରତର ସର୍କୁଲାର ଅର୍ଥନୀତି ୨ ଟ୍ରିଲିୟନ୍ ଡଲାରରୁ ଅଧିକ ମୂଲ୍ୟର ଅତିରିକ୍ତ ବଜାର ସୃଷ୍ଟି କରିବ । କେବଳ ସେତିକି ନୁହେଁ, ଏହା ମଧ୍ୟ କୋଟି କୋଟି ସଂଖ୍ୟାର କର୍ମନିଯୁକ୍ତି ସୃଷ୍ଟି କରିବ । ବିଗତ ୧୧ ବର୍ଷ ମଧ୍ୟରେ, ଭାରତ ସର୍କୁଲାର ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ସକାଶେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ଗ୍ରହଣ କରିଛି । ଏହି କାରଣରୁ ଭାରତ କାର୍ବନ ଉତ୍ସର୍ଜନଏବଂ ପରିବେଶ ସୁରକ୍ଷା ଦୃଷ୍ଟିକୋଣରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ବହୁ ସଫଳତା ହାସଲ କରିପାରୁଛି...

- ସର୍କୁଲାର ଅର୍ଥନୀତି କାର୍ଯ୍ୟ ଯୋଜନା ୧୧ ପ୍ରକାର ବର୍ଜ୍ୟର ବିନିଷ୍ଟ ନିମନ୍ତେ ଚୂଡ଼ାନ୍ତ କରାଯାଇ ସାରିଛି ।
- ବଜାର ଆଧାରିତ ପରିବର୍ଦ୍ଧିତ ଉତ୍ପାଦକ ଦାୟିତ୍ୱବୋଧ (ଇ.ପି.ଆର.) ନିୟନ୍ତ୍ରଣ ନୀତି ବିଜ୍ଞପିତ କରାଯାଇଛି ଯାହାକି ପ୍ଲାଷ୍ଟିକ୍ ପ୍ୟାକେଜିଂ ବର୍ଜ୍ୟ, ବ୍ୟାଟେରୀ ବର୍ଜ୍ୟ, ଇ-ବର୍ଜ୍ୟ, ବର୍ଜ୍ୟ ଟାୟାର, ବ୍ୟବହୃତ ତୈଳ ଏବଂ ଆୟୁସୀମା ଶେଷ ହୋଇଥିବା ଯାନବାହନ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ।
- ୟୁ.ଏନ.ଏଫ.ସି.ସି.ସି. ପ୍ୟାରିସ ରାଜିନାମାର ଏକ ସଦସ୍ୟ ଭାବରେ, ଭାରତ୨୦୧୫ ମସିହାରେ ତା'ର ପ୍ରଥମ ଜାତୀୟ ସଂକଳ୍ପିତ ଅବଦାନ (ଏନ.ଡି.ସି.) ଉପସ୍ଥାପନ କରିଛି ।
- ୨୦୭୦ ମସିହା ସୁଦ୍ଧା ନେଟ୍ ଜିରୋ ଲକ୍ଷ୍ୟ ହାସଲ କରିବା ନିମନ୍ତେ ଭାରତ ତା'ର ଦୀର୍ଘସୂତ୍ରୀ ସ୍ୱଳ୍ପ- ଉତ୍ସର୍ଜନ ବିକାଶ ରଣନୀତି ଉପସ୍ଥାପନ କରିଛି । ଭାରତ ଆର୍ଥିକ ଅଭିବୃଦ୍ଧି ଠାରୁ ସବୁଜଗୃହ ବାଷ୍ପ ଉତ୍ସର୍ଜନକୁ ପୃଥକ୍ କରିଛି ।
- ଜୟପୁର ଘୋଷଣାନାମା (୨୦୨୫-୨୦୩୪) ଯାହାକି ଏହି ଫୋରମର ଏକ ପ୍ରମୁଖ ଫଳଶ୍ରୁତି, ଏହା ସ୍ୱୈଚ୍ଛିକ, ଅଣ- ବାଧ୍ୟତାମୂଳକ ଏବଂ ଅଣ-ରାଜନୈତିକ ପ୍ରତିବଦ୍ଧତା ଏବଂ ତାହା ସର୍କୁଲାର ଅର୍ଥନୀତିର ଲକ୍ଷ୍ୟ ହାସଲ ଦିଗରେ ଏକ ବ୍ୟାପକ ଢାଞ୍ଚା ଏବଂ ପରବର୍ତ୍ତୀ ୧୦ ବର୍ଷ ମଧ୍ୟରେ ସମ୍ପଦ ଉନ୍ନତିକରଣ ସକ୍ରିୟତା ହାସଲ ଦିଗରେ ଏକ ଉନ୍ନତ ପଦକ୍ଷେପ ଭାବରେ ଗ୍ରହଣ କରାଯାଇଛି ।

ପ୍ରତିପାଦନ କରିବାରେ ସଫଳ ହୋଇଥିଲେ । ଏହା ହେଉଛି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ବିଶେଷତା । ସେହି କାରଣରୁ ସରକାର ବୈଶ୍ୱିକ ମହାମାରୀ କରୋନାର ମୁକାବିଲା କରିବା ସକାଶେ, ଦେଶବ୍ୟାପୀ ଲକଡାଉନ୍ ସତ୍ତ୍ୱେ ଏଭଳି ପଦକ୍ଷେପ ଗ୍ରହଣ କରି ଆର୍ଥିକ ପ୍ରଗତିର ଧାରାକୁ ଅବ୍ୟାହତ ରଖିପାରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହନ୍ତି, 'ଯଦି ଆମର ସଂକଳ୍ପ ଦୃଢ଼, କୌଣସି ଲକ୍ଷ୍ୟ ଅସମ୍ଭବ ନୁହେଁ, କୌଣସି ପଥ କଠିନ ନୁହେଁ । ଆଜି ଆମ ନିକଟରେ ଇଚ୍ଛାଶକ୍ତି ତଥା ମାର୍ଗ ରହିଛି ଯାହା ମାଧ୍ୟମରେ ଆମକୁ ଭାରତକୁ ଆତ୍ମ-ନିର୍ଭରଶୀଳ କରିବାକୁ ହେବ ।'ନିଶ୍ଚିତ ଭାବରେ ଭାରତ ନିକଟରେ ଆବଶ୍ୟକ ସଂପଦ ଏବଂ ସାମର୍ଥ୍ୟ ରହିଛି, ଏହା ସହିତ ବିଶ୍ୱର ଶ୍ରେଷ୍ଠ ପ୍ରତିଭା ମଧ୍ୟ ଉପଲବ୍ଧ । ତେଣୁ ଆମେ ଯାହା ଚାହିଁବା ତାହା କରିପାରିବା ଏବଂ ଆମର ଲକ୍ଷ୍ୟ ପୂରଣ ନହେବା ପର୍ଯ୍ୟନ୍ତ ଆମେ କଦାପି ଅଟକିଯିବା ନାହିଁ । ଏହି କାରଣରୁ ହିଁ ଅନେକ ଦେଶ ଏବଂ ରେଟିଂ ଏଜେନ୍ସି କହିବାକୁ ବାଧ ହେଉଛନ୍ତି ଯେ ଭାରତ ବିଶ୍ୱର ଦ୍ରୁତତମ ପ୍ରଗତିଶୀଳ ଅର୍ଥବ୍ୟବସ୍ଥା ହେବାକୁ ଯାଉଛି ।

ନୂତନ ଆର୍ଥିକ ଲକ୍ଷ୍ୟ ଦିଗରେ ଅଗ୍ରସର

ନୂଆ ନୂଆ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟମାନ ସ୍ଥାପନ କରିବା ସହିତ ଭାରତ ୨୦୧୯ ମସିହାରେ ବିଶ୍ୱର ପଞ୍ଚମ ଆର୍ଥିକ ମହାଶକ୍ତିରେ ପରିଣତ ହୋଇଥିଲା । ଏବଂ ୨୦୨୫ ମସିହାରେ ଏହା ଜାପାନକୁ ପଛରେ ପକାଇ ଦେଇଛି ଏବଂ ଏବେ ଦୁନିଆର ଚତୁର୍ଥ ବୃହତ୍ ଆର୍ଥିକ ଶକ୍ତିରେ ପରିଣତ ହୋଇଛି । ପୂର୍ବରୁ ଆମେ ବିଶ୍ୱର ୧୧ ନମ୍ବର ସ୍ଥାନରେ ରହିଥିଲୁ। ଏପରିକି ବ୍ରିଟେନ୍ ମଧ୍ୟ ଭାରତର ପଛରେ ପଡ଼ିଛି ଯିଏ କି ଏ ଦେଶକୁ ଦୀର୍ଘ ୨୫୦ ବର୍ଷ ଧରି ଶାସନ କରି ଆସିଥିଲା। ଏହା ହେଉଛି ନୂତନ ଭାରତ ଏବଂ ଏହାର ସାମର୍ଥ୍ୟର ସର୍ବଶ୍ରେଷ୍ଠ ଉଦାହରଣ । ଏହି ସଫଳତା ଏଭଳି ଏକ ସମୟରେ ଆସିଛି ଯେତେବେଳେ ବିଗତ କିଛି ବର୍ଷ ମଧ୍ୟରେ ବିଶ୍ୱ ଅର୍ଥନୀତି ନାନା ପ୍ରକାର ସମସ୍ୟା ଦେଇ ଗତି କରୁଛି ଏବଂ ସାରା ଦୁନିଆରେ ଆର୍ଥିକ କାର୍ଯ୍ୟକଳାପ ପ୍ରମୁଖ ଘଟଣାବଳୀ ଯଥା କୋଭିଡ୍ ୧୯ ମହାମାରୀ ଏବଂ ରୁଷିଆ- ୟୁକ୍ରେନ୍ ଯୁଦ୍ଧ ଭଳି ପରିସ୍ଥିତି ଦ୍ୱାରା ବ୍ୟାହତ ହୋଇଛି । ଅନ୍ୟ ପକ୍ଷରେ, ବିଶ୍ୱ ଯେତେବେଳେ ଆର୍ଥିକ ସ୍ଥିତିକୁ ସ୍ଥିର ରଖିବା ନିମନ୍ତେ ଯୁଝିଚାଲିଛି, ଭାରତର ଅର୍ଥବ୍ୟବସ୍ଥା ନୂଆ ନୂଆ ଶିଖର ହାସଲ କରିବାରେ ଲାଗିଛି । ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇ. ଏମ.ଏଫ.) ଭାରତକୁ ଦ୍ରୁତ ପ୍ରଗତିଶୀଳ ଆର୍ଥିକ ବ୍ୟବସ୍ଥା ଭାବରେ ସ୍ୱୀକୃତି ପ୍ରଦାନ କରିଛି ଏବଂ ଏହାର ସଦ୍ୟତମ ଆକଳନରେ ବୈଶ୍ୱିକ ଆର୍ଥିକ ବିକାଶ ମୂଲ୍ୟାୟନରେ ଏହି ବିଷୟ ଉଲ୍ଲେଖ କରିଛି ।

ବସ୍ତୁ ଓ ସେବା କର (ଜି.ଏସ.ଟି.)ରେ ବିପୁଳ ଅଭିବୃଦ୍ଧି, ମୂଳଧନୀ ପୁଂଜି ଖର୍ଚ୍ଚ ବୃଦ୍ଧି ଏବଂ ଅତୁଳନୀୟ ରପ୍ତାନୀ ସଫଳତା ଏକ ଚଳଚଞ୍ଚଳ ଏବଂ ସହନଶୀଳ ଅର୍ଥନୀତି ପ୍ରଦର୍ଶନ କରିଛି ଯାହାକି ମହାମାରୀ ସ୍ଥିତିରୁ ସଫଳତାର ସହିତ ଅର୍ଥନୀତିକୁ ଉଦ୍ଧାର କରିନାହିଁ ଅପରପକ୍ଷେ ଦ୍ରୁତତର

ବିଶ୍ୱର ଦ୍ରୁତତମ ପ୍ରଗତିଶୀଳ ଅର୍ଥନୀତି

ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇ.ଏମ.ଏଫ.)ର ଆର୍ଥିକ ଦୃଶ୍ୟପଟ୍ଟ ୨୦୨୫ ରିପୋର୍ଟ ଅନୁସାରେ ଚଳିତ ବର୍ଷ ସୁଦ୍ଧା ଭାରତ ବିଶ୍ୱର ଦ୍ରୁତତମ ପ୍ରଗତିଶୀଳ ଅର୍ଥବ୍ୟବସ୍ଥା ଭାବରେ ରହିବ । ଆର୍ଥିକ ସର୍ଭେ ୨୦୨୪-୨୫ରେ କରାଯାଇଥିବା ଆକଳନ ଅନୁସାରେ ୨୦୨୫-୨୬ ବର୍ଷରେ ଏହା ୬.୩% ଠାରୁ ୬.୮% ମଧ୍ୟରେ ରହିବ । ଅନ୍ୟାନ୍ୟ ବୈଶ୍ୱିକପ୍ରତିଷ୍ଠାମାନଙ୍କଦ୍ୱାରା କରାଯାଇଥିବା ଆକଳନ ଅନୁସାରେ ମଧ୍ୟ ଭାରତର ଏହିଭଳି ଦ୍ରୁତତମ ପ୍ରଗତିଶୀଳ ଧାରାକୁ ପୁଷ୍ଟ କରାଯାଇଛି ।



ଭାରତର ଜି.ଡି.ପି. ଯାତ୍ରା

ଜି.ଡି.ପି	ବର୍ଷ
୧ ଟ୍ରିଲିଅନ ଡଲାର	୨୦୦୭ (ସ୍ୱାଧୀନତା ପ୍ରାପ୍ତିର ୬୦ ବର୍ଷ ପରେ)
୨ ଟ୍ରିଲିଅନ୍ ଡଲାର	୨୦୧୪ (୭ ବର୍ଷରେ ଦ୍ୱିଗୁଣିତ)
୩ ଟ୍ରିଲିଅନ ଡଲାର	୨୦୨୧ (୭ ବର୍ଷରେ)
୪ ଟ୍ରିଲିଅନ ଡଲାର	୨୦୨୫ (ମାତ୍ର ୪ ବର୍ଷରେ)

ବିଶ୍ୱର ଶ୍ରେଷ୍ଠ ପାଞ୍ଚ ଅର୍ଥବ୍ୟବସ୍ଥା

ଆଇ.ଏମ.ଏଫ.ର ସର୍ବଶେଷ ରିପୋର୍ଟ ଅନୁସାରେ, ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଆର୍ଥିକ ମହାଶକ୍ତିରେ ପରିଣତ ହୋଇଛି । ଆଇ.ଏମ.ଏଫ.ର ମତ ଅନୁସାରେ, ଭାରତର ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.) ବର୍ତ୍ତମାନ ୪.୧୯ ଟ୍ରିଲିଅନ ଡଲାର ଛୁଇଁଛି । ଏହି ପ୍ରକ୍ରିୟାରେ ସବୁଠାରୁ ଉଲ୍ଲେଖନୀୟ ଘଟଣାଟି ହେଲା, ଭାରତ ଜାପାନକୁ ପଛରେ ପକାଇ ଏହି ସଫଳତା ଅର୍ଜନ କରିଛି । ତେଣୁ ଆଇ.ଏମ.ଏଫ.ର ସଦ୍ୟତମ ଡାଟା ଆଧାରରେ ବିଶ୍ୱର ଶ୍ରେଷ୍ଠ ଅର୍ଥବ୍ୟବସ୍ଥାର ତାଲିକା ନିମ୍ନମତେ ପରିବର୍ତ୍ତିତ ହୋଇଛି –

ଆଇ.ଏମ.ଏଫ.ର କହିବା ଅନୁସାରେ, ଭାରତର ଆର୍ଥିକ ଅଭିବୃଦ୍ଧିକୁ ୨୦୨୫ ମସିହାରେ ୬.୨% ବୋଲି ଆକଳନ କରାଯାଇଛି ଯାହା ୨୦୨୬ ମସିହାରେ ୬.୩%କୁ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଏ । ଆହୁରି ମଧ୍ୟ ଆକଳନ କରାଯାଏ ଯେ ୨୦୨୭ ମସିହାରେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଆର୍ଥିକ ମହାଶକ୍ତି ହେବାକୁ ଯାଉଛି । ଏଭଳି ପ୍ରଗତି ହାର ବିଶ୍ୱର ଅନ୍ୟ ଯେକୌଣସି ଅର୍ଥ ବ୍ୟବସ୍ଥାଠାରୁ ଅଧିକ ବୋଲି ଆଇ.ଏମ.ଏଫ. କହିଛି ।

ଭାବରେ ବୃଦ୍ଧି ପାଇଛି ଏବଂ ବୈଶ୍ୱିକ ରାଜନୈତିକ ଅନିଶ୍ଚିତତାକୁ ମଧ୍ୟ ଅତିକ୍ରମ କରିବାରେ ସକ୍ଷମ ହୋଇଛି । କାରଣ ଏହା ପରେ ପରେ ସରକାର ଉଚିତ ଦିଗରେ ଗ୍ରହଣ କରିଥିବା ପଦକ୍ଷେପରୁ ଇପ୍ସିତ ସୁଫଳ ପ୍ରାପ୍ତ ହୋଇଛି ଯାହାକି ଭାରତର ଅର୍ଥବ୍ୟବସ୍ଥାକୁସୁଦୃଢ଼ କରିଛି । କେନ୍ଦ୍ର ସରକାର 'ଆତ୍ମନିର୍ଭର ଭାରତ'ତଥା 'ମେକ୍ ଇନ୍ ଇଣ୍ଡିଆ'ଅଧୀନରେ ଅନେକ ଗୁଡ଼ିଏ ଉପକ୍ରମ ଆରମ୍ଭ କରିଛନ୍ତି ଯାହା ଉତ୍ପାଦନ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାରେ ସହାୟକ ହୋଇଛି । ଉତ୍ପାଦନ ଆଧାରିତ ପ୍ରୋତ୍ସାହନ (ପି.ଏଲ.ଆଇ.) ଯୋଜନା ୧୪ ଗୋଟି କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଉଛି ଯାହାକି ଏହିସବୁ କ୍ଷେତ୍ରକୁ ଅଧିକ ପ୍ରୋତ୍ସାହନ ଯୋଗାଉଛି । ଏଭଳି ଉତ୍ପାଦନ ଆଧାରିତ ପ୍ରୋତ୍ସାହନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାର ଉଦ୍ଦେଶ୍ୟ ହେଲା ଘରୋଇ ଉତ୍ପାଦନକୁ ବୈଶ୍ୱିକ ସ୍ତରରେ ପ୍ରତିଯୋଗୀ ଭାବରେ ଉପସ୍ଥାପନ କରିବା ତଥା ଘରୋଇ ଉଦ୍ୟୋଗୀଙ୍କୁ ଏଥି ନିମନ୍ତେ ପ୍ରସ୍ତୁତ କରିବା । ପି.ଏଲ.ଆଇ. ଯୋଜନା ଲକ୍ଷ ଲକ୍ଷ ଲୋକଙ୍କ ନିମନ୍ତେ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିଛି ଏବଂ ଭାରତୀୟ ଅର୍ଥନୀତିକୁ ବିକାଶର ଫାଷ୍ଟ ଟ୍ରାକରେ ଆଗକୁ ଅଗ୍ରସର କରାଇ ପାରିଛି । ଭାରତର ମୋବାଇଲ ଉତ୍ପାଦନ କ୍ଷେତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚିନ୍ତାଧାରା ଏବଂ ତାଙ୍କର ପରିକଳ୍ପନାର ଏକ ଉଦାହାରଣ ଯାହାକି ତା'ର ସର୍ବାଧିକ ସାମର୍ଥ୍ୟ ପ୍ରତିପାଦନ କରିଛି । ପୂର୍ବରୁ ଭାରତ ମୋବାଇଲ ଫୋନ୍ ଆମଦାନି କରିବାରେ ବିଶ୍ୱର ଏକ ପ୍ରମୁଖ ରାଷ୍ଟ୍ର ଥିଲା ଏବଂ ଆଜି ଏହା ମୋବାଇଲ୍ ଫୋନ୍ ଉତ୍ପାଦନ କ୍ଷେତ୍ରରେ ଏକ ବୈଶ୍ୱିକ

ଜି.ଏସ.ଟି ବ୍ୟବସାୟିକ କାର୍ଯ୍ୟ ପାଇଁ ଫିଟାଇଛି ମାର୍ଗ

୨୦୧୭ ମସିହା ଜୁନ୍ ୩୦ ଏବଂ ଜୁଲାଇ ୧ ତାରିଖ ଦିନ ମଧ୍ୟରାତ୍ରରେ ସଂଘୀୟ ବ୍ୟବସ୍ଥାର ଏକ ମହାନ୍ ଉଦାହରଣ ଉପସ୍ଥାପନ ସ୍ୱରୂପ, ଦେଶ ୧୭ ବର୍ଷ ଧରି କରିଆସୁଥିବା ଯାତ୍ରାକୁ ବାସ୍ତବତାର ରୂପ ପ୍ରଦାନ କରିଥିଲା । ବସ୍ତୁ ଓ ସେବା କର (ଜି.ଏସ.ଟି.) ବିଶ୍ୱ ଅର୍ଥନୀତିରେ ଏକ ବିପ୍ଳବ ଆଣିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ ଯାହାକି ସମଗ୍ର ଦେଶକୁ ଏକ ଦିଶା ପ୍ରଦାନ କରିଥିଲା ଏବଂ ଅର୍ଥନୀତିକୁ ଦେଖାଇଥିଲା ଏକ ନୂତନ ମାର୍ଗ । ଜି.ଏସ.ଟି.ର ଅର୍ଥ ବସ୍ତୁ ଏବଂ ସେବା କର । ଯେତେବେଳେ ଜି.ଏସ.ଟି ବ୍ୟବସ୍ଥା ଦେଶରେ ପ୍ରବର୍ତ୍ତନ ହେଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ବସ୍ତୁ ଓ ସରଳ କର ବୋଲି ଆଖ୍ୟାୟିତ କରିଥିଲେ । ଜି.ଏସ.ଟି ପୂର୍ବରୁ ଟିକସ ବ୍ୟବସ୍ଥା ଯାହାକି ଦେଶ ଏବଂ ରାଜ୍ୟମାନଙ୍କରେ ପ୍ରଚଳିତ ଥିଲା, ସେଥିରେ ଅନେକ ପ୍ରକାର ଟିକସ ବ୍ୟବସ୍ଥା ମଧ୍ୟଦେଇ ଯିବାକୁ ପଡୁଥିଲା । କିନ୍ତୁ ବର୍ତ୍ତମାନ ଏକକ ଟିକସ ବ୍ୟବସ୍ଥା ସାରା ଦେଶରେ ପ୍ରଚଳନ କରାଯାଇଛି ।



ପେଣ୍ଠସ୍ଥଳୀରେ ପରିଣତ ହୋଇଛି । ୨୦୧୪-୧୫ ମସିହାରେ ଦେଶରେ ପ୍ରାୟ ୬୦ ନିୟୁତ ମୋବାଇଲ ଫୋନ୍ ଉତ୍ପାଦନ ହେଉଥିବାବେଳେ ୨୦୨୩-୨୪ ମସିହାରେ ତାହା ଆସି ୩୩୦ ନିୟୁତ ଛୁଇଁଛି ଯାହାକି ୫ ଗୁଣ ଅଭିବୃଦ୍ଧି ବୋଲି କୁହାଯାଇଛି ।

ଉତ୍ପାଦନ କ୍ଷେତ୍ର ପାଲଟିଛି ଅର୍ଥନୀତିର ମେରୁଦଣ୍ଡ

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ଭାରତୀୟ ଅର୍ଥବ୍ୟବସ୍ଥାର ମେରୁଦଣ୍ଡ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ସୁଦୃଢ଼ କରିବା ସକାଶେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । କୋଭିଡ ମହାମାରୀ ସମୟରେ, ସରକାରଙ୍କ

> ଆଜି, ଦେଶରେ ଏପରି ଏକ ସରକାର ଅବସ୍ଥାପିତ ହୋଇଛି ଯାହା ରାଷ୍ଟ୍ରୀୟ ସ୍ୱାର୍ଥନିମନ୍ତେ ଯେକୌଣସି ପ୍ରକାର ବଡ଼ରିସ୍କ ନେବାକୁ ସୁଦ୍ଧା ପ୍ରସ୍ତୁତ ଅଛି । ଜି.ଏସ.ଟି. ବ୍ୟବସ୍ଥା ଦୀର୍ଘ ବର୍ଷ ଧରି ପ୍ରବର୍ତ୍ତନ ନହୋଇ ଅଟକି ରହିଥିଲା, କାରଣ ଯେଉଁମାନେ ପୂର୍ବରୁ ସରକାରରେ ଥିଲେ ସେମାନେ ରାଜନୈତିକ ରିସ୍କ ଦୃଷ୍ଟିରୁ ତାହାକୁ ପ୍ରବର୍ତ୍ତନର ସାହସ ଜୁଟାଇ ପାରୁ ନଥିଲେ । ଆମେ ଆଜି କେବଳ ଜି.ଏସ.ଟି ବ୍ୟବସ୍ଥା ପ୍ରବର୍ତ୍ତନ କରିନାହୁଁ,ଏଥି ସହିତ ଆମେ ରେକର୍ଡ ମାତ୍ରାର ଜି.ଏସ.ଟି. ସଂଗ୍ରହ କରିପାରିଛୁ ।
>
> **-ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**

ଆର୍ଥିକ ସଂସ୍କାର ନିମନ୍ତେ ଗୃହୀତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ (୨୦୧୪- ୨୦୨୪)

ସଂସ୍କାରଭରା ଯାତ୍ରା

- ୨୦୧୪ ମସିହା ଠାରେ ପ୍ରାୟ ୪୦ ହଜାର ଅନାବଶ୍ୟକ କମ୍ପ୍ଲିଆନ୍ସର ଉଚ୍ଛେଦ କରାଯାଇଛି ।
- ବ୍ୟବସାୟିକ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ପ୍ରାୟ ୩୮,୦୦ ଆଇନକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରାଯାଇଛି କିମ୍ବା ସେଗୁଡ଼ିକୁ ସରଳ କରାଯାଇଛି ।
- କମ୍ପାନୀ ସଂଶୋଧନ ଆଇନ, ଦେବାଳିଆ ବ୍ୟାଙ୍କରପସି ବିଧି, ଏକକ ବାତାୟନ କ୍ଲିଅରାନ୍ସ, କର୍ପୋରେଟ୍ ଟିକସ ହ୍ରାସ ଏବଂ ପି.ଏଲ.ଆଇ. ଯୋଜନାଭଳିଗୁରୁତ୍ୱପୂର୍ଣ୍ଣ ସଂସ୍କାର ଏବଂ ଯୋଜନା ଦେଶରେ ବ୍ୟବସାୟିକ କାର୍ଯ୍ୟକୁ ଅଧିକ ସରଳ ଓ ସୁଗମ କରିପାରିଛି ।

ବିଦେଶୀ ପ୍ରତ୍ୟକ୍ଷ ପୁଂଜି ନିବେଶ ନୀତିର ସରଳୀକରଣ ଫଳରେ, ଶିଳ୍ପ ସଂସ୍ଥାମାନଙ୍କରେ ପୁଂଜି ନିବେଶର ନୂତନ ମାର୍ଗ ଉନ୍ମୋଚିତ ହୋଇଛି।

ଆପାତକାଳୀନ ଋଣ ଲାଇନ୍ ଗ୍ୟାରେଣ୍ଟି ଯୋଜନା ଏକ କୋଟିରୁ ଅଧିକ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀଙ୍କୁ କେବଳ ସହାୟତା ଯୋଗାଇ ଦେଇ ନଥିଲା ପରୋକ୍ଷରେ ସେମାନଙ୍କ ସଂସ୍ଥା ସ୍ଥାୟୀ ଭାବରେ ବନ୍ଦ ହୋଇଯିବା ଆଶଙ୍କାରୁ ମଧ୍ୟ ସୁରକ୍ଷା ପ୍ରଦାନ କରିଥିଲା । ଏହା ସହିତ ପ୍ରଥମ ଥର ପାଇଁ ଏମ.ଏସ.ଏମ.ଇ.ର ସଂଜ୍ଞାକୁ ମଧ୍ୟ ସଂଶୋଧନ କରାଯାଇଥିଲା । ଶ୍ରମ ଏବଂ ପାରିବେଶିକ ଆଇନରେ ଯେଉଁସବୁ ସଂସ୍କାର ଅଣାଯାଇଛି ତାହା ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ନିମନ୍ତେ ପ୍ରଗତିର ପଥକୁ ପରିଷ୍କାର କରିଛି ଏବଂ ସେମାନଙ୍କର କାର୍ଯ୍ୟ ପରିସରକୁ ସମ୍ପ୍ରସାରିତ କରିଛି ଏବଂ ଏହା ସହିତ ଆଗକୁ ଅଗ୍ରଗତି କରିବା ପାଇଁ ପ୍ରୋତ୍ସାହନ ଯୋଗାଇଛି । ତେଣୁ ୨୦୧୪ ମସିହା ପରେ କେନ୍ଦ୍ର ସରକାରଙ୍କର ନୀତିରେ ଯେଉଁ ପରିବର୍ତ୍ତନ ଘଟିଥିଲା ତାହାର ପରିଣାମ ସ୍ୱରୂପ ଉତ୍ପାଦନ କ୍ଷେତ୍ର ଭାରତୀୟ ଅର୍ଥବ୍ୟବସ୍ଥାର ମେରୁଦଣ୍ଡ ଭାବରେ ଉଭା ହୋଇଥିଲା । ମେକ୍ ଇନି ଇଣ୍ଡିଆ ଅଭିଯାନର ପ୍ରଭାବ ଏପରି ହୋଇଥିଲା ଯେ ବୟନଶିଳ୍ପ, ଫାର୍ମାସିଉଟିକାଲ୍ସ, ଯାନବାହନ, କେମିକାଲ୍ସ, ଇସ୍ପାତ ଓ ଇଲେକ୍ଟ୍ରୋନିକ୍ସ ଭଳି ଶିଳ୍ପ ରପ୍ତାନୀର ପ୍ରମୁଖ ସାଧନ ପାଲଟିଥିଲେ । ଏହା ସହିତ କୃଷି କ୍ଷେତ୍ର ମଧ୍ୟ ସମାନୁପାତିକ ଭାବରେ ସହଯୋଗ ଯୋଗାଇଥିଲା । ଆମେ ଯଦି ବିଗତ ୫ ବର୍ଷର ତାଟାକୁ ବିଶ୍ଳେଷଣ କରିବା, ତେବେ ଜାଣିପାରିବା ଯେ ଏହି କ୍ଷେତ୍ର ହାରାହାରି ୧୨.୫ ପ୍ରତିଶତ ଲେଖାଏଁ ହାରରେ ଅଭିବୃଦ୍ଧି କରିଛି ଯାହାକି ସାରା ବିଶ୍ୱରେ ସର୍ବାଧିକ । ୨୦୨୫ ମସିହାରେ, ଏହା

'ବିକଶିତ'ପାଇଁ ସୁଦୃଢ଼ ଭିତ୍ତି

- ୨୦୨୪-୨୫ ମସିହାରେ ଭାରତୀୟ ଶିଳ୍ପ ସର୍ବକାଳୀନ ରେକର୍ଡ ହିସାବରେ ୧,୬୨,୩୮୬ କୋଟି ଟଙ୍କା ଆଇ.ପି.ଓ. ମାଧ୍ୟମରେ ଅର୍ଜନ କରିଛି ।
- ୨୦୨୪ ମସିହା ଡିସେମ୍ବର ମାସସୁଦ୍ଧା ଖୁଚୁରା ନିବେଶକଙ୍କ ସଂଖ୍ୟା ୧୩.୨ କୋଟି ଛୁଇଁଛି ଯାହାକି ୨୦୨୦ ମସିହା ସୁଦ୍ଧା ୪.୯ କୋଟି ଥିଲା । ଏଭଳି ଦ୍ରୁତ ଅଭିବୃଦ୍ଧି ଭାରତର ଦୀର୍ଘକାଳୀନ ଆର୍ଥିକ ସାମର୍ଥ୍ୟ ଉପରେ ଥିବା ଦୃଢ଼ ଆସ୍ଥାକୁ ପ୍ରମାଣିତ କରେ ।

160

ବର୍ତ୍ତମାନ ଦେଶରେ ୧୬୦ ଗୋଟି କାର୍ଯ୍ୟକ୍ଷମ ବିମାନ ବନ୍ଦର ରହିଛି । ଏଥିରେ ୧୪୫ଟି ବିମାନ ବନ୍ଦର, ୨ଟି ଏରୋଡ୍ରୋମ୍ ଏବଂ ୧୩ଟି ହେଲିପୋର୍ଟ ରହିଛି ।

- ନୂତନ ଉତ୍ପାଦନ ୟୁନିଟମାନଙ୍କ ନିମନ୍ତେ ୨୦୨୪ ମସିହା ପର୍ଯ୍ୟନ୍ତ ଟିକସ ହାରକୁ ୧୫%ରେ ସ୍ଥିର ରଖି ଏବଂ ଷ୍ଟାର୍ଟଅପମାନଙ୍କ ସକାଶେ ଏକ ବର୍ଷ ପାଇଁ ଏହାକୁ ଅପରିବର୍ତ୍ତିତ ରଖି, ବିଗତ କିଛି ବର୍ଷ ମଧ୍ୟରେ ଏହି କ୍ଷେତ୍ରକୁ ବିକଶିତ ହେବା ନିମନ୍ତେ ସରକାର ଅନୁକୂଳ ପରିବେଶ ସୃଷ୍ଟି କରିଛନ୍ତି ଏବଂ ତାହା ଦେଶରେ କର୍ମନିଯୁକ୍ତି ବୃଦ୍ଧିକୁ ସୁଯୋଗ ପ୍ରଦାନ କରିଛି ।
- ପଂଜୀକୃତ ବ୍ୟାବସାୟିକ ବ୍ୟାଙ୍କ୍ (ଏସ.ସି.ବି.)ମାନଙ୍କ ପାଇଁ ସାମଗ୍ରିକ ଅଣ-କାର୍ଯ୍ୟକାରୀ ସାଧନ (ଜି.ଏନ.ପି.ଏ.) ହାର ୨୦୨୪ ମସିହା ଡିସେମ୍ବର ମାସ ସୁଦ୍ଧା ହ୍ରାସପାଇ ବିଗତ ୧୨ ବର୍ଷ ମଧ୍ୟରେ ସର୍ବନିମ୍ନ ହୋଇ ୨.୬% ହୋଇଛି ।

32%

ଇଲେକ୍ଟ୍ରୋନିକ୍ସ ସାମଗ୍ରୀରେ ରପ୍ତାନୀ ୩୨% ଅଭିବୃଦ୍ଧି ଘଟିଛି ଯାହା ୨୦୨୪-୨୫ ମସିହାରେ ୩୮ ବିଲିୟନ ଡଲାର ହୋଇଛି ।

$374.1

୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ଅଣ ପେଟ୍ରୋଲିୟମଜାତ ରପ୍ତାନୀ ମୂଲ ୩୬୪.୧ ବିଲିୟନ ଡଲାର ହୋଇଛି ଯାହାକି ଏକ ସର୍ବକାଳୀନ ରେକର୍ଡ ।

ବିଗତ ଏକ ଦଶନ୍ଧି ଧରି ଭାରତର ମୋଟ ରପ୍ତାନୀ ନିରବଚ୍ଛିନ୍ନ ଭାବରେ ବୃଦ୍ଧି ପାଉଛି







34

ବିଗତ ଦଶନ୍ଧି ମଧ୍ୟରେ ଗୁଣ ବୃଦ୍ଧି ପାଇଛି ।

ଭାରତୀୟ ପ୍ରତିରକ୍ଷା ଉତ୍ପାଦନ ବର୍ତ୍ତମାନ ବିଶ୍ୱର ପ୍ରାୟ ୧୦୦ଗୋଟି ରାଷ୍ଟ୍ରକୁ ରପ୍ତାନୀ କରାଯାଉଛି, ଯାହାକି ବୈଶ୍ୱିକରଣନୀତିକ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀକାରୀ ରାଷ୍ଟ୍ର ଭାବରେ ଭାରତର ବର୍ଦ୍ଧିତ ମର୍ଯ୍ୟାଦାକୁ ପ୍ରତିପାଦିତ କରୁଛି ।

ମୋବାଇଲ୍ ଆମଦାନୀକାରୀ ରାଷ୍ଟ୍ରମାନଙ୍କ ନିମନ୍ତେ ଭାରତ ଏବେ ପେଣ୍ଠସ୍ଥଳୀ ପାଲଟିଛି ।



ଆସନ୍ତୁ, ସଭିଏଁ ଏହି ସଂକଳ୍ପ ନେବା ଆମ ଜୀବନରେ ଯେଉଁଠାରେ ସମ୍ଭବପର, ସେଠାରେ ଆମେ ଦେଶରେ ନିର୍ମିତ ଉତ୍ପାଦରେ ପ୍ରାଧାନ୍ୟ ଆରୋପ କରିବା । ଏହା କେବଳ ଆର୍ଥିକ ଆତ୍ମ-ନିର୍ଭରଶୀଳତାର ବିଷୟ ନୁହେଁ, ଏହା ହେଉଛି ରାଷ୍ଟ୍ର ନିର୍ମାଣରେ ସହଭାଗୀ ହେବାର ଏକ ସୁଯୋଗ ।

- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଇଜ୍ ଅଫ୍ ଡୁଇଂ ବିଜିନେସ୍ ଯୋଗୁ ଏଫ. ଡି. ଆଇ. ଆକର୍ଷଣ ବୃଦ୍ଧି ପାଇଛି

ଭାରତରେ ପୁଂଜି ନିବେଶ କରିବା ସକାଶେ, କେନ୍ଦ୍ର ସରକାର ବିଦେଶୀ ପ୍ରତ୍ୟକ୍ଷ ପୁଂଜି ନିବେଶ (ଏଫ.ଡି.ଆଇ.)କୁ ଅନୁମତି ପ୍ରଦାନ କରିଛନ୍ତି । ୨୦୧୪ ମସିହା ପରେ ଅନେକ କ୍ଷେତ୍ରରେ ଏଭଳି ଅନୁମତି ପ୍ରଦାନ କରାଯାଇଛି ଯାହାକି ପୂର୍ବରୁ କରାଯାଇ ନଥିଲା । କିନ୍ତୁ ଏହି କ୍ଷେତ୍ରରେ ଏହାର ପର୍ଯ୍ୟାପ୍ତ ସୁଯୋଗ ଭରି ରହିଥିଲା । ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡ ଅଭିଯାନ ସହିତ ଏଥିପାଇଁ ଅନେକ ନିୟମକୁ ସରଳ କରାଯାଇଥିଲା ଏବଂ ଅଧିକାଂଶ କ୍ଷେତ୍ରରେ ୧୦୦ ପ୍ରତଶତ ପର୍ଯ୍ୟନ୍ତ ପୁଂଜି ନିବେଶର ସୁଯୋଗ ସୃଷ୍ଟି କରାଯାଇଥିଲା ଯାହାକି ଭାରତରେ ଉତ୍ପାଦନ କ୍ଷେତ୍ରରେ ଆମୂଳଚୂଳ ପରିବର୍ତ୍ତନ ଘଟାଇଥିଲା ।



- ୨୦୧୩-୧୪ରେ ବିଶ୍ୱର ୧୧୨ଟି ରାଷ୍ଟ୍ର ଭାରତରେ ଏଫ.ଡି.ଆଇ. କରୁଥିଲେଏବଂ ଏହି ତାଲିକାରେ ମାତ୍ର ୮୯ଗୋଟି ଅଧିକ ରାଷ୍ଟ୍ର ସାମିଲ ହୋଇଛନ୍ତି ।



- ବିଗତ ୨୫ ବର୍ଷ ମଧ୍ୟରେ, ୧୦୭୨ ବିଲିଅନ ଡଲାରର ଏଫ.ଡ଼ି.ଆଇ. ଭାରତକୁ ଆସିଛି ଏବଂ ସେଥିରୁ ୭୦% କେବଳ ଗତ ୧୧ ବର୍ଷ ମଧ୍ୟରେ ଆସିଛି ।





- ୬୯୧ ବିଲିଅନ ଡଲାରର ବିଦେଶୀ ପୁଂଜି ଭଣ୍ଡାର ସହିତ ଭାରତ ବର୍ତ୍ତମାନ ବିଶ୍ୱରେ ଚତୁର୍ଥ ବୃହତ୍ତମ ବିଦେଶୀ ପୁଂଜି ଭଣ୍ଡାରର ମାନ୍ୟତା ଲାଭ କରିଛି ।



- ଭାରତୀୟ ରିଜର୍ଭ ବ୍ୟାଙ୍କ ନିକଟରେ ସେପ୍ଟେମ୍ବର ୨୦୨୪ ସୁଦ୍ଧା ୮୫୪.୭୩ ମେଟ୍ରିକ୍ ଟନ୍ ସୁନା ଗଚ୍ଛିତ ଥିଲା ଏବଂ ସେଥିରୁ ୫୧୦.୪୬ ଟନ୍ ସୁନା ଘରୋଇ ଭାବରେ ରଖାଯାଇଛି ।
- ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ (ଇ.ଏଫ.ଟି.ଏ.) ରାଷ୍ଟ୍ରସମୂହ ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତରେ ୧୦୦ ବିଲିଅନ ବିଦେଶୀ ପ୍ରତ୍ୟକ୍ଷ ପୁଂଜି ନିବେଶ କରିବା ସକାଶେ ପ୍ରତିବଦ୍ଧତା ବ୍ୟକ୍ତ କରିଛନ୍ତି । ଏହା ଦେଶରେ ପ୍ରାୟ ୫୦୦ ବିଲିଅନ୍ ଡଲାର ନିବେଶର ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

୮୩ ଲକ୍ଷ କୋଟିରେ ପହଂଚିଐତିହାସିକ ସ୍ତର ଛୁଇଁଥିଲା । ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.)କୁ ୧୭ ପ୍ରତିଶତ ଯୋଗଦାନ ଦେଇ, ଏହି କ୍ଷେତ୍ର କର୍ମନିଯୁକ୍ତି ସୃଷ୍ଟିରେ ଯଥେଷ୍ଟ ସହାୟକ ହୋଇଥିଲା ।

କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ସହିତ, କେନ୍ଦ୍ର ସରକାର ମଧ୍ୟ ଉତ୍ପାଦନର ସେହିସବୁ କ୍ଷେତ୍ର ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ଯେଉଁମାନଙ୍କ ବିଷୟରେ ପୂର୍ବରେ କେହି କେବେ ଚିନ୍ତା ସୁଦ୍ଧା କରି ନଥିଲେ । ସେମିକଣ୍ଡକ୍ଟର ଉତ୍ପାଦନ ହେଉଛି ସର୍ବଶେଷ ଏବଂ ଏହାର ସବୁଠାରୁ ଉତ୍ତମ ଉଦାହାରଣ । ଭାରତ ସଦାବେଳେ ସେମିକଣ୍ଡକ୍ଟର ଚିପ ଯାହାକି ପ୍ରତ୍ୟେକ ବିଶ୍ୱର ପ୍ରତ୍ୟେକ ଇଲେକ୍ଟ୍ରୋନିକ୍ ପଦାର୍ଥ ଉତ୍ପାଦନ ନିମନ୍ତେ ବ୍ୟବହାର କରାଯାଇଥାଏ ସେସବୁକୁ ବିଦେଶରୁ ଆମଦାନୀ କରିବା ଉପରେ ନିର୍ଭରଶୀଳ ଥିଲା । କିନ୍ତୁ ବର୍ତ୍ତମାନ, ପ୍ରଥମ ଥର ପାଇଁ ସେମିକଣ୍ଡକ୍ଟର ମିଶନ ମାଧ୍ୟମରେ, କେନ୍ଦ୍ର ସରକାର ଭାରତରେ ହିଁ ଏହି ସାମଗ୍ରୀ ଉତ୍ପାଦନ କରିବା ସକାଶେ ଧ୍ୟାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଳିଷ୍ଠ ନେତୃତ୍ୱରେ, ଭାରତ ବର୍ତ୍ତମାନ ପୁଂଜି ନିବେଶର ଏକ ପସନ୍ଦ ଲକ୍ଷ୍ୟସ୍ଥଳୀରେ ପରିଣତ ହୋଇଛି । ଜି.ଏସ.ଟି., ଆଇ.ବି.ସି., ଏବଂ ଏଫ.ଡି.ଆଇ.ର ନିରବଚ୍ଛିନ୍ନ ଉନ୍ନତି, ଇଜ୍ ଅଫ୍ ଡୁଇଂ ବିଜିନେସ୍, କମ୍ପ୍ଲିଆନ୍ସ ହ୍ରାସ ଏବଂ ବିଶ୍ୱର ଅନେକ ରାଷ୍ଟ୍ରଙ୍କ ସହିତ ବାଣିଜ୍ୟ ରାଜିନାମାମାନସ୍ୱାକ୍ଷର ଫଳରେ ବିଦେଶୀ ପୁଂଜି ନିବେଶ (ଏଫ.ଡି.ଆଇ.) କ୍ଷେତ୍ରରେ ଦ୍ରୁତ ବୃଦ୍ଧି ସାଧିତ ହୋଇପାରିଛି । ସରକାରଙ୍କର ଏହିସବୁ

୧୧ ବର୍ଷ ମଧ୍ୟରେ ୨୭ କୋଟି ଭାରତୀୟ ଉତ୍କଟ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି

ବିଶ୍ୱ ବ୍ୟାଙ୍କର ସଦ୍ୟତମ ରିପୋର୍ଟ ଅନୁସାରେ, ପ୍ରାୟ ୨୭ କୋଟି ଭାରତୀୟଙ୍କୁ ଗତ ୧୧ ବର୍ଷ ମଧ୍ୟରେ ଉତ୍କଟ ଦାରିଦ୍ର୍ୟ ମଧ୍ୟରୁ ଉଦ୍ଧାର କରାଯାଇଛି । ବିଶ୍ୱ ବ୍ୟାଙ୍କର ଡାଟା ଅନୁସାରେ, ୨୦୧୧-୧୨ ମସିହାରେ ଦେଶରେ ଉତ୍କଟ ଦାରିଦ୍ର୍ୟ ହାର ୨୬.୧ ପ୍ରତିଶତ ଥିବାବେଳେ ୨୦୨୨-୨୩ ମସିହାରେ ତାହା ୫.୩ ପ୍ରତିଶତକୁ କମିଆସିଛି । ଗ୍ରାମାଞ୍ଚଳରେ ଉତ୍କଟ ଦାରିଦ୍ର୍ୟ ମାତ୍ରା ଏହି ଅବଧି ମଧ୍ୟରେ ୧୮.୪ ପ୍ରତିଶତରୁ ୨.୮ ପ୍ରତିଶତକୁ ହ୍ରାସ ପାଇଛି, ଯଦ୍ୟପି ସହରାଞ୍ଚଳରେ ଏହି ମାତ୍ରା ୧୦.୭ ପ୍ରତିଶତରୁ ୧.୧ ପ୍ରତିଶତକୁ କମିଆସିଛି । ଏହି ରିପୋର୍ଟର ସୂଚନା ଅନୁସାରେ, ବିବିଧ କାରଣର ଦାରିଦ୍ର୍ୟ, ଯାହାକି ୨୦୦୫-୦୬ ମସିହାରେ ୫୩.୮ ପ୍ରତିଶତ ଥିଲା ୨୦୧୯-୨୧ ମସିହାରେ ୧୬.୪ ପ୍ରତିଶତକୁ କମିଥିଲା ଏବଂ ୨୦୨୨-୨୩ ମସିହାରେ ତାହା ୧୫.୫ ପ୍ରତିଶତ ଛୁଇଁଥିଲା । ସେହି ସମୟ ମଧ୍ୟରେ ଉତ୍କଟ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଲୋକମାନଙ୍କ ସଂଖ୍ୟା ୩୪.୪୪ କୋଟିରୁ ୭.୫୨କୁ ହ୍ରାସ ପାଇଥିଲା । ଏହାର ସବୁ ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପରିଚାଳିତ ସରକାରଙ୍କ ନୀତିଗତ ସଂସ୍କାର ଏବଂ ଆର୍ଥିକ ସଂସ୍କାର ପଦକ୍ଷେପ ଯୋଗୁ ସମ୍ଭବପର ହୋଇପାରିଛି ବୋଲି ଏହି ରିପୋର୍ଟ ଦର୍ଶାଇଛି ।

ଚଳିତ ବର୍ଷ ମେ ମାସ ସୁଦ୍ଧା ଖୁଚୁରା ମୁଦ୍ରାସ୍ଫୀତିରେ ୨.୮୨% ହ୍ରାସ, ୬ ବର୍ଷରେ ସର୍ବନିମ୍ନ

ଚଳିତ ବର୍ଷ ମେ ସୁଦ୍ଧା ଦେଶରେ ଉପଭୋକ୍ତା ମୂଲ୍ୟ ସୂଚୀ (ସି.ପି.ଆଇ.) ଉପରେ ଆଧାରିତ ମୁଦ୍ରାସ୍ଫୀତି ମାତ୍ରା ୨.୮୨ ପ୍ରତିଶତକୁ ଖସି ଆସିଥିଲା, ଯାହାକି ଗତ ବର୍ଷର ଏହି ଅବଧି ତୁଳନାରେ ଢ଼େର୍ କମ୍ । କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରଣାଳୟର ସୂଚନା ଅନୁସାରେ, ଏଭଳି ଖୁଚୁରା ହାର ୨୦୧୯ ମସିହା ଫେବ୍ରୁଆରୀ ମାସଠାରୁ ଏବେସୁଦ୍ଧା ସର୍ବନିମ୍ନ । ସେହିଭଳି ଖାଦ୍ୟ ମୁଦ୍ରାସ୍ଫୀତୀ ମେ ମାସ ପର୍ଯ୍ୟନ୍ତ ୦.୯୯ ପ୍ରତିଶତକୁ ହ୍ରାସ ପାଇଛି ଯାହାକି ୨୦୨୧ ମସିହା ଅକ୍ଟୋବର ଠାରୁ ସର୍ବନିମ୍ନ । ଲଗାତାର ଭାବରେ ସପ୍ତମ ମାସ ପାଇଁ ଖାଦ୍ୟ ମୁଦ୍ରାସ୍ଫୀତିରେ ଏଭଳି ହ୍ରାସ ପରିଲକ୍ଷିତ ହୋଇଥିଲା । ମୁଖ୍ୟତଃ କୃଷି ଉତ୍ପାଦନ ବୃଦ୍ଧି ଯୋଗୁ ଏଭଳି ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ଏଥି ସହିତ ଇନ୍ଧନ ମୂଲ୍ୟରେ ହ୍ରାସ ଏବଂ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ମୂଲ୍ୟ ହ୍ରାସ ଫଳରେ ମୁଦ୍ରାସ୍ଫୀତିରେ ଏଭଳି ହ୍ରାସ ହାସଲ କରାଯାଇପାରିଛି । ଭାରତୀୟ ରିଜର୍ଭ ବ୍ୟାଙ୍କ୍ ୨୦୨୫-୨୬ ଆର୍ଥିକ ବର୍ଷ ସକାଶେ ମୁଦ୍ରାସ୍ଫୀତିର ଆକଳନକୁ ମଧ୍ୟ ୪ ପ୍ରତିଶତରୁ ୩.୭ ପ୍ରତିଶତକୁ ହ୍ରାସ କରିଛନ୍ତି ।

ଦୁଃସ୍ଥିତିକୁ ରୂପାନ୍ତରୀତ ସୁଯୋଗରେ କରିଛି ଆତ୍ମନିର୍ଭର ଭାରତ

- ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ମଜଭୁତ ଆର୍ଥିକ ପରିଚାଳନା କରୋନା ମହାମାରୀ ଆରମ୍ଭରୁ ହିଁ ଦୁଃସ୍ଥିତିକୁ ସୁଯୋଗରେ ପରିଣତ କରିଛି... ଏହି ପରିପ୍ରେକ୍ଷୀରେ ଆର୍ଥିକ ସୂଚକାଂକଗୁଡ଼ିକ ଭାରତର ଆର୍ଥିକ ପୁନରୁତ୍ଥାନ ଦିଗରେ ଉର୍ଦ୍ଧ୍ୱମୁଖୀ ହୋଇଛନ୍ତି ।
- ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗମାନଙ୍କ ଠାରୁ ଆରମ୍ଭ କରି ବହୁରାଷ୍ଟ୍ରୀୟ କମ୍ପାନୀ ପର୍ଯ୍ୟନ୍ତ ସମସ୍ତ ସଂସ୍ଥାମାନଙ୍କ ଉତ୍ପାଦନ ବୃଦ୍ଧି ପାଇଛି । ଏହା ଦେଶର ସେବା ଏବଂ ରପ୍ତାନୀ କ୍ଷେତ୍ରକୁ ଐତିହାସିକ ଅବଦାନ ଯୋଗାଇଛି ।
- ଅନେକ କ୍ଷେତ୍ରରେ ଏଭଳି ଅଧିକ ଉତ୍ପାଦନ ମାନସିକତା ସର୍ବାଧିକ ସ୍ତରରେ ରହିଛି । ଏହା ଅଭିବୃଦ୍ଧିକୁ କର୍ମନିଯୁକ୍ତିରେ ରୂପାନ୍ତରୀତ କରିବା ମାନସିକତାକୁ ସୁନିଶ୍ଚିତ କରିଛି ।

ସହମତି ଆଧାରିତ ସଂସ୍କାର ପ୍ରକ୍ରିୟା

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସହମତି ଆଧାରରେ ସଂସ୍କାର ପ୍ରକ୍ରିୟା ପ୍ରବର୍ତ୍ତନର ଏକ ନୂତନ ଧାରା ପ୍ରବର୍ତ୍ତନ କରିଛନ୍ତି ଏବଂ ଏଥି ନିମନ୍ତେ ସେ ବ୍ୟକ୍ତିଗତ ଭାବରେ ବିଭିନ୍ନ ସମୟରେ ଅନେକ ଢାଞ୍ଚାଗତ ସଂସ୍କାର ଯୋଜନା କାର୍ଯ୍ୟକାରୀ କରିଛନ୍ତି ।
- ସହଯୋଗୀ ସଂଘୀୟ ବ୍ୟବସ୍ଥା ଆଧାରରେ ରାଜ୍ୟମାନଙ୍କୁ ସ୍ୱେଚ୍ଛାକୃତ ଭାବରେ କେନ୍ଦ୍ର ସରକାରଙ୍କ ସଂସ୍କାର ଧାରାକୁ ଆହରଣ ନିମନ୍ତେ ପ୍ରୋତ୍ସାହିତ କରାଯାଇଛି ।
- ଏଭଳି ସଂସ୍କାର ବ୍ୟବସ୍ଥା ସମସ୍ତ ହିତଧାରକମାନଙ୍କସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିଛି ।

ଏକ ଉତ୍ତମ ଅର୍ଥନୀତି ଗଠନ ପ୍ରକ୍ରିୟା

- ବସ୍ତୁ ଓ ସେବା କର (ଜି.ଏସ.ଟି.) ବ୍ୟବସ୍ଥା ପ୍ରବର୍ତ୍ତନ ସହିତ ଆନୁଷ୍ଠାନିକରଣର ସମ୍ପ୍ରସାରଣ
- ଅନାଦାୟ ଋଣ ଅସୁଲିରେ ସରକାରଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁ ଏନ.ପି.ଏ ଏବଂ ଆର୍ଥିକ ଅପରାଧର ଦ୍ରୁତ ହ୍ରାସ ପରିଲକ୍ଷିତ ହୋଇଛି ।
- ଆଇ.ବି.ସି. ଭାରତୀୟ ବ୍ୟାଙ୍କିଙ୍ଗ୍ଏବଂକର୍ପୋରେଟ୍ କ୍ଷେତ୍ରକୁ ବିଭିନ୍ନ ସମୟରେ ସୁରକ୍ଷା ପ୍ରଦାନ କରିଛି ।
- ଏହା ଦ୍ରୁତ ମାତ୍ରାରେ 'ଡିଜିଟାଲ ଅର୍ଥନୀତି'ର ରୂପ ଗ୍ରହଣ କରୁଛି ।

ପ୍ରୟାସ ଫଳରେ ବିଗତ ୧୧ ବର୍ଷ ମଧ୍ୟରେ ଭାରତୀୟ ଅର୍ଥନୀତିରେ ଉଲ୍ଲେଖନୀୟ ପରିବର୍ତ୍ତନ ସମ୍ଭବପର ହୋଇପାରିଛି ଏବଂ ଏଥି ସହିତ, ସମାଜର ପ୍ରତ୍ୟେକ ବର୍ଗର ଲୋକମାନଙ୍କ ଉପରେ ଏହା ସକାରାତ୍ମକ ପ୍ରଭାବ ପକାଇଛି ।

ଏମ.ଏସ.ଏମ.ଇ. ଉପରେ ବିଶେଷ ଧ୍ୟାନ

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) କ୍ଷେତ୍ର ଯାହାର ଭାରତୀୟ ଅର୍ଥନୀତି ପ୍ରତି ବିଶେଷ ଅବଦାନ ରହିଛି, ଏହି ସମୟ ମଧ୍ୟରେ ତାହା ଉପରେ ଅଧିକ ଧ୍ୟାନ ଦିଆଯାଇଛି । କୋଭିଡ଼ ମହାମାରୀ ସମୟରେ, ଯେତେବେଳେ ସବୁକିଛି ଠପ୍ ହୋଇଯାଇଥିଲା, ଏମ.ଏସ.ଏମ.ଇ. କ୍ଷେତ୍ରକୁ ଜରୁରି କ୍ରେଡିଟ୍ ଲାଇନ୍ ଗ୍ୟାରେଣ୍ଟି ଯୋଜନା ମାଧ୍ୟମରେ ସୁରକ୍ଷିତ ରଖାଯାଇଥିଲା । କେବଳ ସେତିକି ନୁହେଁ, ଏମ.ଏସ.ଏମ.ଇ.କୁ ଋଣ ଯୋଗାଇ ଦିଆଯାଇ, ପ୍ରାୟ ୨.୩୯ ଲକ୍ଷ କୋଟିରୁ ଅଧିକ ଟଙ୍କାର ଋଣକୁ ଏନ.ପି.ଏ. ହେବାରୁ ସୁରକ୍ଷିତ ରଖାଯାଇଥିଲା । ଦେଶର ୧.୧୩ କୋଟି ଏମ.ଏସ.ଏମ.ଇ.ଙ୍କୁ ସହାୟତା ଯୋଗାଣ ମାଧ୍ୟମରେ ୧.୫ କୋଟି କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଥିଲା ଏବଂ ଯଦି ଆମେ ଗୋଟିଏ କର୍ମନିଯୁକ୍ତିରୁ ଏକ ପରିବାରର ଚାରିଜଣ ଲୋକ ଉପକୃତ ହୋଇଛନ୍ତି ବୋଲି ବିବେଚନା କରିବା, ତେବେ ଏହା ଦେଶର ୬ କୋଟି ଲୋକଙ୍କୁ ସହାୟତା ଯୋଗାଇଥିଲା ବୋଲି କୁହାଯାଇପାରିବ ।

ଡିଜିଟାଲ୍ ପେମେଣ୍ଟ ବିପ୍ଳବ

ପକେଟରେ ଟଙ୍କାମୁଣା ଥାଉ ଅବା ନଥାଉ, ଲୋକମାନେ ବର୍ତ୍ତମାନ ହାତରେ ମୋବାଇଲ୍ ସେଟଟିଏ ଧରି ଯାଇପାରୁଛନ୍ତି ଏବଂ ସମନ୍ୱିତପେମେଣ୍ଟ ଇଣ୍ଟରଫେସ୍ (ୟୁ.ପି.ଆଇ.) ଜରିଆରେ ସେମାନଙ୍କର ପେମେଣ୍ଟ କରିପାରୁଛନ୍ତି । ଏହା ଉଭୟ ବିକ୍ରେତା ଏବଂ କ୍ରେତାଙ୍କ ପାଇଁ ଏକ ସହଜ ଦେଣ- ନେଣର ମାର୍ଗ ଉନ୍ମୋଚନ କରିଛି । ୟୁ.ପି.ଆଇ. ଏବଂ ରୁପେ'ର ବ୍ୟବହାର ଏପରିକି ଦେଶର ସୀମାନ୍ତବର୍ତ୍ତୀ କ୍ଷେତ୍ର ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି । ୟୁ.ପି.ଆଇ ପେମେଣ୍ଟ ବର୍ତ୍ତମାନ ସଂଯୁକ୍ତ ଆରବ ଏମିରେଟ୍ସ, ସିଙ୍ଗାପୁର, ଭୁଟାନ, ନେପାଳ, ଶ୍ରୀଲଙ୍କା, ଫ୍ରାନ୍ସ ଏବଂ ମରିସସ୍ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଛି ।

ଗତ ୫ ବର୍ଷ ମଧ୍ୟରେ ୟୁପିଆଇ ଦେଣନେଣ ୧୦ଗୁଣା ବୃଦ୍ଧି



49%
ବିଶ୍ୱର ରିଅଲ ଟାଇମ୍ ଡିଜିଟାଲ ପେମେଣ୍ଟର ୪୯% ଭାରତରେ ହୋଇଥାଏ ।

(ଏସିଆଇର ବିଶ୍ୱସ୍ତରୀୟ ରିପୋର୍ଟ ୨୦୨୪)

ଆତ୍ମନିର୍ଭର ଭାରତ ପ୍ୟାକେଜ୍

ବୈଶ୍ୱିକ ମହାମାରୀ କୋଭିଡ-୧୯ ସମୟରେ ଯେତେବେଳେକି ସାରା ବିଶ୍ୱ ଏକପ୍ରକାର ଠପ୍ ହୋଇଯାଇଥିଲା, ସେତେବେଳେ ଆତ୍ମନିର୍ଭର ଭାରତ ପ୍ୟାକେଜ୍ ଜରିଆରେ ସରକାର କେବଳ ଅର୍ଥନୀତିକୁ ସହାୟତା ପ୍ରଦାନ କରି ନଥିଲେ, ଅପର ପକ୍ଷେ ସାଧାରଣ ଜନତା ଏବଂ ଶିଳ୍ପସଂସ୍ଥାମାନଙ୍କର ମଧ୍ୟ ଯତ୍ନନେଇଥିଲେ । ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା ମାଧ୍ୟମରେ ୨୦୨୪ ମସିହା ଜାନୁଆରୀ ମାସ ପର୍ଯ୍ୟନ୍ତ ୬୦.୪୯ ଲକ୍ଷ ହିତଧାରକଙ୍କୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିଲା । ଏହି ଯୋଜନା ୨୦୨୦ ମସିହା ଅକ୍ଟୋବର ମାସରେ ଶୁଭାରମ୍ଭ କରାଯାଇଥିଲା ଯାହାକି ନୂତନ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ଏବଂ ନିଯୁକ୍ତିଦାତାମାନଙ୍କୁ କୋଭିଡ଼ ମହାମାରୀ ସମୟରେ ସେମାନେ ହରାଇଥିବା ନିଯୁକ୍ତିକୁ ପୁନଃସଂସ୍ଥାପନ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିଥିଲା ।

₹29.8
ଲକ୍ଷ କୋଟି

କୋଭିଡ- ୧୯ ମହାମାରୀ ସମୟରେ ଭାରତର ଅର୍ଥନୀତିକୁ ସୁଦୃଢ଼ କରିବା ସକାଶେ ୨୯.୮ ଲକ୍ଷ କୋଟି ଟଙ୍କାର ଆତ୍ମନିର୍ଭର ଭାରତ ପ୍ୟାକେଜ୍ ଆରମ୍ଭ କରାଯାଇଥିଲା ।

ଭାରତୀୟ ଅର୍ଥନୀତି ନୂତନ ଶୀର୍ଷ ଆଡ଼କୁ ଅଗ୍ରସର

ଭାରତ ଏଭଳି ଏକ ରାଷ୍ଟ୍ର ଯେଉଁଠାରେ ଜନସଂଖ୍ୟାର ୫୦ ପ୍ରତିଶତ ୨୫ ବର୍ଷ ଆୟୁସୀମା ମଧ୍ୟରେ ରହିଛନ୍ତି । ଏହା ଏଭଳି ଏକ ଦେଶ ଯାହା ନିରବଚ୍ଛିନ୍ନ ଭାବରେ ବିକାଶ ଏବଂ ଅଭିବୃଦ୍ଧି ପଥରେ ଧାବମାନ ଏବଂ ଏଥିରେ ଯୁବଗୋଷ୍ଠୀଙ୍କ ଉତ୍ସାହ ଏବଂ ନୂଆ ନୂଆଚିନ୍ତାଧାରାମାନ ରହିଛି। କିନ୍ତୁ, ସାଧାରଣ ବଜେଟରେ, ଯେଉଁଠାରେ କି କେନ୍ଦ୍ର ସରକାର ଦେଶର ଅର୍ଥନୀତିକୁ ଆଗକୁ ଆଗେଇ ନେବା ସକାଶେ ଉପଲବ୍ଧ ସଂପଦର କାର୍ଯ୍ୟସୂଚୀ ପ୍ରଦାନ କରିଥାଆନ୍ତି, ସେଥି ଆୟ ଏବଂ ବ୍ୟୟ କାର୍ଯ୍ୟକଳାପର ସ୍ୱଳ୍ପସ୍ୱରୂପ ପ୍ରଦର୍ଶିତ ହୋଇଥାଏ । ଅତଏବ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେଥିରେ ନୂତନ ଉତ୍ସାହ ସାମିଲ କରିଛନ୍ତି ଯାହା ଫଳରେ ଯୁବଗୋଷ୍ଠୀମାନେ ସେମାନଙ୍କର ଯୋଗଦାନକୁ ଅଧିକ ମାତ୍ରାରେ ପ୍ରଦର୍ଶନ କରିପାରିବେ । ସମଗ୍ର ଦେଶର ବିକାଶ ଧାରାରେ ସମସ୍ତଙ୍କର ଅଂଶଗ୍ରହଣ ନିମନ୍ତେ, ପ୍ରଥମ ଥର ପାଇଁ କେନ୍ଦ୍ର ସରକାର ୧୧୫ ଗୋଟି ପଛୁଆ ଜିଲ୍ଲାକୁ ଆକାଂକ୍ଷୀ ଜିଲ୍ଲା ଭାବରେ ନାମିତ କରିଛନ୍ତି ଏବଂ କହିଛନ୍ତି ଯେ ବର୍ତ୍ତମାନ ଅର୍ଥନୀତିର ବିକାଶ କେବଳ ଦିଲ୍ଲୀ ଓ ମୁମ୍ବାଇର ଆବଶ୍ୟକତା ଆଧାରରେ ନିର୍ଦ୍ଧାରଣ କରାଯିବନାହିଁ । ବରଂ ପ୍ରତ୍ୟେକ ନାଗରିକ ଆନୁଷାନିକ ଅର୍ଥନୀତିର ସହଭାଗୀ ହେବେ ଯଦ୍ୱାରା ସମାଜର ଶେଷତମ ସ୍ଥାନରେ ରହିଥିବା ବ୍ୟକ୍ତିବିଶେଷଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ସହଜରେ ଉପଲବ୍ଧ ହୋଇପାରିବ । କାରଣ, ମୂଳତଃ ଯେଉଁ ଲୋକମାନେ କାର୍ଯ୍ୟ କରିବାକୁ ସକ୍ଷମ ନିଜର କର୍ମଶକ୍ତିଆୟୁସୀମା ମଧ୍ୟରେ ଥିବା ଲୋକମାନେ

ଏମ.ଏସ.ଏମ.ଇ. ସୁଦୃଢ଼ୀକରଣର ପ୍ରୟାସ

ଭାରତ ସରକାର ଜରୁରୀକାଳୀନ ଋଣ ସୁବିଧା ଗ୍ୟାରେଣ୍ଟି ଯୋଜନା ୨୦୨୦ ମସିହା ମେ ମାସରେ ଆରମ୍ଭ କରିଥିଲେ ଏହାର ଉଦ୍ଦେଶ୍ୟ ହେଉଛି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ଏବଂ ବ୍ୟବସାୟିକ ସଂସ୍ଥାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଯାହାକି ସେମାନେ କୋଭିଡ଼ ୧୯ ବୈଶ୍ୱିକ ମହାମାରୀ ସମୟରେ ସମ୍ମୁଖୀନ ହୋଇଥିଲେ ଏବଂ ଏହା ଫଳରେ ସେମାନେ ନିଜର ବ୍ୟବସାୟ ଓ ଉଦ୍ୟୋଗ ପୁଣି ଥରେ ଆରମ୍ଭ କରିପାରିବେ ।

- ଇ.ସି.ଏଲ.ଜି.ଏସ ଅଧୀନରେ ଏମ.ଏସ.ଏମ.ଇ.ମାନଙ୍କ ନିମନ୍ତେ ୩.୬୮ ଲକ୍ଷ କୋଟି ଟଙ୍କା ମଂଜୁରୀ । ଏହି ଯୋଜନାରୁ ୧.୨୦ କୋଟି ଋଣଗ୍ରହୀତା ଉପକୃତ ହୋଇପାରିଛନ୍ତି ।

- ଏମ.ସି.ଜି.ଏସ. – ଏମ.ଏସ.ଏମ.ଇ. ଅଧୀନରେ ଗ୍ୟାରେଣ୍ଟି କଭରକୁ ୧୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ପ୍ରବର୍ତ୍ତିତ ମ୍ୟୁଚୁଆଲ୍ କ୍ରେଡିଟ୍ ଗ୍ୟାରେଣ୍ଟି ଯୋଜନା ଏମ.ଏସ. ଏମ.ଇ.ମାନଙ୍କ ନିମନ୍ତେ ମଂଜୁର ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ସୁବିଧାର ୬୦ ପ୍ରତିଶତ ଗ୍ୟାରେଣ୍ଟି କଭର ପ୍ରଦାନ କରେ ।

ଜି.ଏନ.ପି.ଏ. ଗତ ୧୨ ବର୍ଷରେ ସର୍ବନିମ୍ନ

ଭାରତର ଆର୍ଥିକ କ୍ଷେତ୍ର ୨୦୨୪-୨୫ରେ ଉତ୍ତମ କାର୍ଯ୍ୟ ସଫଳତା ହାସଲ କରିଛି । ଏହି ଆର୍ଥିକ ବର୍ଷରେ ବ୍ୟାଙ୍କମାନଙ୍କର ଋଣ ହାର ସ୍ଥିର ହୋଇଛି । ପଂଜୀକୃତ ବ୍ୟାଙ୍କମାନଙ୍କର ଲାଭରେ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି । ଏହା ସାମଗ୍ରିକ ଅଣ-କାର୍ଯ୍ୟକାରୀ ସଂପଦ (ଜି.ଏନ.ପି.ଏ.)ରେ ହ୍ରାସ ଘଟାଇଛି ।

- ୨୦୨୪ ମସିହା ଡିସେମ୍ବର ମାସରେ ଜି.ଏନ.ପି.ଏ. ହ୍ରାସ ପାଇଛି ଏବଂ ତାହା ବିଗତ ୧୨ ବର୍ଷ ମଧ୍ୟରେ ସର୍ବନିମ୍ନ । ଏହା ଫଳରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସୁଦୃଢ଼ ହୋଇପାରିଛି ।

ଉତ୍ପାଦନ ଆଧାରିତ ପ୍ରୋତ୍ସାହନ ଯୋଜନା

ଉତ୍ପାଦନ ଆଧାରିତ ପ୍ରୋତ୍ସାହନ ଯୋଜନା (ପି.ଏଲ.ଆଇ.) ଯାହାକି ଭାରତ ସରକାର ୨୦୨୦ ମସିହାରେ ଆରମ୍ଭ କରିଥିଲେ ତାହା ଏକ ପଚ୍ଚ ପରିବର୍ତ୍ତନକାରୀ ଉପକ୍ରମ ଥିଲା ଏବଂ ଏହା ଘରୋଇ ଉତ୍ପାଦନ ବୃଦ୍ଧି, ନିବେଶ ଆକର୍ଷଣ, ଆମଦାନୀ ନିର୍ଭରଶୀଳତା ହ୍ରାସ ଏବଂ ରପ୍ତାନୀ ବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ ଥିଲା ।

- ପି.ଏଲ.ଆଇ ଯୋଜନା ୧.୬୧ ଲକ୍ଷ କୋଟି ଟଙ୍କାର ନିବେଶ ସୃଷ୍ଟି କରିଛି, ୧୪ ଲକ୍ଷ କୋଟି ଟଙ୍କାର ଉତ୍ପାଦନ ବଢ଼ାଇଛି, ୫.୩୧ ଲକ୍ଷ କୋଟି ଟଙ୍କାର ରପ୍ତାନୀ କରିଛି ଏବଂ ୧୧.୫ ଲକ୍ଷ ନୂତନ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିଛି ।

(*ଏପ୍ରିଲ ୨୦୨୦ ଠାରୁ)

ନିଜ ଇଚ୍ଛାରେ ଗରିବ ହୋଇନାହାନ୍ତି । ସେମାନେ ଏଇଥିପାଇଁ ଗରିବ ଯେ ସେମାନଙ୍କ ନିକଟରେ ସୁବିଧା ଏବଂ ସୁଯୋଗର ଅଭାବ ରହିଛି । ଭାରତର ଯେକୌଣସି ସ୍ଥାନରେ ନାଗରିକମାନେ ବସବାସ କରୁଥାଆନ୍ତୁ ନା କାହିଁକି, ସେମାନେ ପୁରୁଷ ଅବା ମହିଳା ହୋଇଥାଆନ୍ତୁ, ସେମାନଙ୍କୁ ସମସ୍ତ ପ୍ରକାର ବ୍ୟକ୍ତିଗତ ଏବଂ ସାମୂହିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ । କୋଭିଡ କାଳରେ କେନ୍ଦ୍ର ସରକାର ଏହି ଦିଗରେ ଗ୍ରହଣ କରିଥିବା ପଦକ୍ଷେପ ଏହିପ୍ରକାର ଦୀର୍ଘକାଳୀନ ଚିନ୍ତାଧାରା ଆଧାରରେ ଗ୍ରହଣ କରାଯାଇଥିଲା ।

ଏହା ନିଶ୍ଚିତ ଯେ, ଭାରତର ଅର୍ଥବ୍ୟବସ୍ଥା କେବଳ ତା'ର ଉତ୍ତମ ସୁଫଳ ପ୍ରଦର୍ଶନ କରୁନାହିଁ, ଅପର ପକ୍ଷେ, ଏହା ସ୍ଥିର ଓ ମଜଭୁତ ହେବାକୁ ଆରମ୍ଭ କରିଛି । ବିଶ୍ୱର ସମସ୍ତ ରେଟିଂ ଏଜେନ୍ସି ପୂର୍ବରୁ ଭାରତୀୟ ଅର୍ଥନୀତିର ସଫଳତା ସମ୍ପର୍କରେ ଯେଉଁସବୁ ପୂର୍ବାନୁମାନ କରିଥିଲେ, ବାସ୍ତବ ପରିଣାମ ଏହାଠାରୁ ଢେର୍ ଗୁଣରେ ଅଧିକ ହୋଇଛି । କାରଣ ଦେଶ ଏବଂ ଏହାର ଶୀର୍ଷ ନେତୃତ୍ୱ କେବଳ ତ୍ରୈମାସ ଆଧାରରେ ଚିନ୍ତା କରି ନଥିଲେ ବରଂ ଦୀର୍ଘକାଳୀନ ଦୃଷ୍ଟିଭଙ୍ଗୀ ଆଧାରରେ ଚିନ୍ତା କରିଥିଲେ । ଦୂରଦୃଷ୍ଟିର ସହିତ, ଜୀବନ ଓ ଅର୍ଥନୀତି ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷାକରି ଅମୃତ କାଳରେ ଆଗକୁ ଅଗ୍ରସର ହେବାର ଅଭିଯାନ ଆରମ୍ଭ ହୋଇଛି ଏବଂ ବିକଶିତ ଭାରତ@୨୦୪୭ର ସଂକଳ୍ପକୁ ସାକାର କରିବାର ସଂକଳ୍ପ ଗ୍ରହଣ କରାଯାଇଛି ।

ନୂଆ ଶିଖର ଛୁଇଁଛି
ଜାମ୍ମୁ କାଶ୍ମୀରର ଭିତ୍ତିଭୂମି



ଅଭିବୃଦ୍ଧିର ନୂତନ ପଥ ଖୋଲିବା ସହିତ ଭିତ୍ତିଭୂମିର ବିକାଶ ଏକ ଗୋଷ୍ଠୀର ଆକାଂକ୍ଷାକୁ ଖୁସି ଏବଂ ଆଶା ସହିତ ଯୋଡିଥାଏ। ବିଶେଷ କରି କାଶ୍ମୀର ଭଳି ଏକ ଅଞ୍ଚଳରେ, ଯେଉଁଠାରେ ଆହ୍ୱାନମୂଳକ ଭୂଖଣ୍ଡ ଏବଂ ପ୍ରତିକୂଳ ପାଗ ପରିସ୍ଥିତିର ସାମ୍ନା କରି ରେଳ ନେଟୱାର୍କ ନିର୍ମାଣ କରିବା ଏକ ସମସ୍ୟା ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ତା ଯୋଗୁଁ ଏବେ କନ୍ୟାକୁମାରୀରୁ କାଶ୍ମୀର ପର୍ଯ୍ୟନ୍ତ ରେଳ ନେଟୱାର୍କ ବାସ୍ତବତାରେ ପରିଣତ ହୋଇଛି। ଦଶନ୍ଧି ଦଶନ୍ଧି ଧରି ଅପେକ୍ଷାର ଅନ୍ତ ଘଟାଇ ପ୍ରଧାନମନ୍ତ୍ରୀ ମୋଦୀ ଉଦ୍ଧମପୁର – ଶ୍ରୀନଗର – ବାରମୂଳା ରେଳ ଲିଙ୍କ, ବିଶ୍ୱର ସବୁଠାରୁ ଉଚ୍ଚତମ ଚେନାବ ରେଳ ସେତୁ ଏବଂ ପ୍ରଥମ କେବୁଲ-ସଂଯୁକ୍ତ ସେତୁ, ଅଞ୍ଜି ଖାଦକୁ ଉଦଘାଟନ କରିଛନ୍ତି, ଯାହା ହେଉଛି ଭାରତର ଭିତ୍ତିଭୂମିର ଗୋଟିଏ ନୂଆ ଉତ୍କର୍ଷ। ...

ମଜଭୁତ ଓ ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବେ କେବଳ ନୂତନ ଭାରତର ପରିଚୟ ନୁହେଁ ବରଂ ଏହା ହେଉଛି ଭାରତର ଶକ୍ତିର ପ୍ରଦର୍ଶନ। ଜୁନ୍ ୬ ତାରିଖରେ ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୭୨ କିଲୋମିଟର ଦୈର୍ଘ୍ୟର ଉଦ୍ଧମପୁର – ଶ୍ରୀନଗର - ବାରମୂଳା ରେଳ ସଂଯୋଗ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ ଏବଂ ଚେନାବ ରେଳ ସେତୁ ଏବଂ ଅଞ୍ଜିଖାଦ ରେଳ ସେତୁ ଉଦଘାଟନ କରି କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଦେଶର ରେଳ ନେଟୱର୍କ ସ୍ୱପ୍ନକୁ ପୂରଣ କରିଥିଲେ, ସେତେବେଳେ ଭାରତର ଶକ୍ତିର ଆଉ ଏକ ଚିତ୍ର ସାରା ବିଶ୍ୱ ଦେଖିଲା। ପ୍ରଧାନମନ୍ତ୍ରୀ ମୋଦୀ ଶ୍ରୀ ମାତା ବୈଷ୍ଣୋଦେବୀ କାଟରାରୁ ଶ୍ରୀନଗର ପର୍ଯ୍ୟନ୍ତ ଚାଲୁଥିବା ଦୁଇଟି ବନ୍ଦେ ଭାରତ ଟ୍ରେନର ଶୁଭାରମ୍ଭ ମଧ୍ୟ କରିଥିଲେ। ଏହା ସହିତ ୧୯୭୨ରେ ଜାମ୍ମୁରେ ପହଞ୍ଚିଥିବା ଟ୍ରେନ୍ ଏକ ଦୀର୍ଘ ଯାତ୍ରା କରି ଶେଷରେ ସିଧାସଳଖ ଶ୍ରୀନଗରରେ ପହଞ୍ଚିଛି। କାଶ୍ମୀର ଉପତ୍ୟକା ପାଇଁ ଏହି ରେଳ ପ୍ରକଳ୍ପର କେତେ ଗୁରୁତ୍ୱ ରହିଛି, ଏହାର ଉଦଘାଟନ ସମାରୋହରେ ଜାମ୍ମୁ ଏବଂ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଦେଇଥିବା ଭାଷଣରୁ ଏହା ସ୍ପଷ୍ଟ ହୁଏ। ଏଥିରେ ଓମାର ଅବଦୁଲ୍ଲା କହିଥିଲେ, ସେ ଅଷ୍ଟମ ପଢ଼ିବା ବେଳେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ପଢ଼ିଥିଲା। ଜାମ୍ମୁ ଏବଂ କାଶ୍ମୀରର ଅନେକ ପିଢ଼ି ଏହି ରେଳ ସଂଯୋଗୀକରଣର ସ୍ୱପ୍ନ ଦେଖି ଦେଖି ଆରପାରିକୁ ଚାଲିଯାଇଛନ୍ତି।

ଏହି ପ୍ରକଳ୍ପ କରିବା ବେଳେ ଯେଉଁ ସମସ୍ୟାଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିଥିଲା, ସେ ସଂପର୍କରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ-ଅତ୍ୟନ୍ତ ପ୍ରତିକୂଳ ପାଗ, ପର୍ବତରୁ ପଥର ଖସିବା ପରି ସମସ୍ୟା କାରଣରୁ ଏହି ପ୍ରକଳ୍ପ ସଂପୂର୍ଣ୍ଣ କରିବା ଇଂଜିନିୟର ଓ ଶ୍ରମିକମାନଙ୍କ ପାଇଁ ଯେତିକି କଠିନ ଓ କଷ୍ଟସାଧ୍ୟ ଥିଲା, ସରକାରଙ୍କ ପାଇଁ ମଧ୍ୟ ତାହା ସେତିକି

ଚେନାବ ସେତୁ ...

ଇଫିଲ୍ ଟାୱାରରୁ ମଧ୍ୟ ୩୫ ମିଟର ଉଚ୍ଚ

359 ନଦୀଠାରୁ ୩୫୯ ମିଟର ଉଚ୍ଚରେ ଥିବା ଚେନାବ ସେତୁ ହେଉଛି ବିଶ୍ୱର ସବୁଠାରୁ ଉଚ୍ଚତମ ରେଳ ଆର୍କ ସେତୁ ଯାହାକି ସ୍ଥାପତ୍ୟ କଳାର ଏକ ଅପୂର୍ବ ନିଦର୍ଶନ।

1,315 ମିଟର ଦୈର୍ଘ୍ୟର ଅର୍ଦ୍ଧଗୋଲାକାର ସେତୁ ହେଉଛି ଇଫିଲ୍ ଟାୱାରରୁ ୩୫ ମିଟର ଅଧିକ ଉଚ୍ଚ।

260 କିମି ପ୍ରତି ଘଣ୍ଟା ବେଗ ଥିବା ପବନକୁ ଏହି ସେତୁ ସମ୍ଭାଳି ପାରିବ ।

28,660 ମେଟ୍ରିକ ଟନ ଇସ୍ପାତ ଏହି ସେତୁ ନିର୍ମାଣରେ ବ୍ୟବହୃତ ହୋଇଛି ।

୧୨୦ ବର୍ଷ ହେଉଛି ଏହି ସେତୁର ଜୀବନକାଳ ।

ଏହା ସବୁପ୍ରକାରର ଭୂମିକମ୍ପ ଓ ପବନକୁ ସମ୍ଭାଳି ପାରିବ ।

₹1,486 କୋଟି ଟଙ୍କା ଏହି ସେତୁ ନିର୍ମାଣରେ ଖର୍ଚ୍ଚ ହୋଇଛି।

ଏହି ସେତୁରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଚାଲିବା ଦ୍ୱାରା କାଟରା ଓ ଶ୍ରୀନଗର ମଧ୍ୟରେ ଯାତ୍ରା ସମୟ ପ୍ରାୟ ୩ ଘଣ୍ଟାକୁ କମିଯିବ। ଏହା ଦ୍ୱାରା ବର୍ତ୍ତମାନ ଯେତେ ସମୟ ଲାଗୁଛି, ତାଠାରୁ ଦୁଇ ତିନି ଘଣ୍ଟା କମ୍ ଲାଗିବ।

ଅପରେସନ ସିନ୍ଦୂର

ଆତ୍ମନିର୍ଭର ଭାରତର ଶକ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, କେମିତି ଅପରେସନ ସିନ୍ଦୂର ଆତ୍ମନିର୍ଭର ଭାରତର ଶକ୍ତି ପ୍ରଦର୍ଶନ କରିଛି। ଏହି କାରଣରୁ ଆଜି ବିଶ୍ୱ ଭାରତର ପ୍ରତିରକ୍ଷା ବ୍ୟବସ୍ଥା ସଂପର୍କରେ ଚର୍ଚ୍ଚା କରୁଛି। ଏହା ପଛରେ କେବଳ ଗୋଟିଏ କାରଣ ଅଛି-'ମେକ୍ ଇନ୍ ଇଣ୍ଡିଆ' ଉପରେ ଦେଶର ସେନାର ଭରସା ।

- ସ୍ଥଳସେନା ଯାହା କରିଛି, ସମସ୍ତ ଭାରତୀୟ ତାକୁ ଦୋହରାଇବାର ଅଛି। ବଜେଟରେ କେନ୍ଦ୍ର ସରକାର ମିଶନ ମ୍ୟାନୁଫ୍ୟାକଚରିଂର ଘୋଷଣା କରିଥିଲେ। ଏହି ମିଶନ ଜରିଆରେ ଉତ୍ପାଦନକୁ ନୂଆ ଉଡ଼ାଣ ଦେବାକୁ ସରକାର କାମ କରୁଛନ୍ତି।
- ଗତ ୧୦ ବର୍ଷରେ ଭାରତ ଏକ ପ୍ରମୁଖ ଅସ୍ତ୍ରଶସ୍ତ୍ର ରପ୍ତାନୀକାରୀ ଦେଶରେ ପରିଣତ ହୋଇଛି। ବର୍ତ୍ତମାନର ଲକ୍ଷ୍ୟ ହେଲା ବିଶ୍ୱର ଶୀର୍ଷ ଅସ୍ତ୍ରଶସ୍ତ୍ର ରପ୍ତାନୀକାରୀ ଦେଶ ତାଲିକାରେ ଭାରତକୁ ସାମିଲ କରିବା। ଏହି ଦିଗରେ ଭାରତ ଯେତେ ଦ୍ରୁତ ଗତିରେ ଆଗେଇବ, ସେତେ ଦ୍ରୁତ ଗତିରେ ଭାରତରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।
- ସୀମାନ୍ତରେ ରହୁଥିବା ଲୋକମାନଙ୍କୁ କେନ୍ଦ୍ର ସରକାର ଦେଶର ଆଗଧାଡ଼ିର ସୁରକ୍ଷାକାରୀ ଭାବରେ ବିବେଚନା କରନ୍ତି। ଏହି କାରଣରୁ ସୀମାନ୍ତ ଜିଲ୍ଲାଗୁଡ଼ିକରେ ବିକାଶ ଏବଂ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଗତ ଦଶନ୍ଧିରେ ଅଭୂତପୂର୍ବ ପ୍ରୟାସ କରାଯାଇଛି।
- ଏହି ଅଞ୍ଚଳରେ ପ୍ରାୟ ୧୦, ୦୦୦ ନୂଆ ବଙ୍କର ନିର୍ମାଣ କରାଯାଇଛି, ଅପରେସନ ସିନ୍ଦୂର ପରେ ଯାହା ଜୀବନ ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।
- ଜାମ୍ମୁ ଏବଂ କାଶ୍ମୀର ଡିଭିଜନ ପାଇଁ ଦୁଇଟି ନୂତନ ସୀମା ବାଟାଲିୟନ ଏବଂ ଦୁଇଟି ସମର୍ପିତ ମହିଳା ବାଟାଲିୟନ ସୃଷ ଦ୍ୱାରା ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରାଯାଇଛି।
- ଅନ୍ତର୍ଜାତୀୟ ସୀମାବର୍ତ୍ତୀ ଅଞ୍ଚଳ ଏବଂ ଆହ୍ୱାନପୂର୍ଣ୍ଣ ଅଞ୍ଚଳରେ ବିକାଶ ପାଇଁ ଶହ ଶହ କୋଟି ଟଙ୍କା ନିବେଶ କରାଯାଇଛି। ସମୃଦ୍ଧ ଗ୍ରାମ ଯୋଜନାରେ ସୀମାନ୍ତରେ ଥିବା ଗାଁଗୁଡିକର ବିକାଶ ତ୍ୱରାନ୍ୱିତ ହୋଇଛି।
- ଆଗରୁ ଖରାପ ପାଗ ସମୟରେ ଜାମ୍ମୁ ଏବଂ କାଶ୍ମୀରର ୪୦୦ ଗାଁ ଯୋଗାଯୋଗରୁ ବଞ୍ଚିତ ହେଉଥିଲା ; ବର୍ତ୍ତମାନ ସେହି ସବୁ ଗାଁ ପାଇଁ ୧୮୦୦ କିଲୋମିଟର ନୂତନ ରାସ୍ତା ନିର୍ମାଣ କରାଯାଇଛି। ଏହା ସାଧାରଣ ଲୋକଙ୍କ ଜୀବନକୁ ସହଜ କରିଛି।

ଉଦ୍ଧମପୁର-ଶ୍ରୀନଗର-ବାରମୂଲା ରେଲୱେ ଲାଇନ୍ ପ୍ରକଳ୍ପ ... କେବଳ ଏକ ନାଁ ନୁହେଁ, ଏହା ହେଉଛି ଜାମ୍ମୁ କାଶ୍ମୀରର ନୂଆ ଶକ୍ତି ... ଏହା ହେଉଛି ଭାରତର ନୂତନ ଶକ୍ତିର ପ୍ରଦର୍ଶନ।

- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଉଦ୍ଧମପୁର-ଶ୍ରୀନଗର-ବାରମୂଲା ରେଳ ଲିଙ୍କ୍ ପ୍ରକଳ୍ପ

ସ୍ୱାଧୀନ ଭାରତରେ ହାତକୁ ନିଆଯାଇଥିବା ସବୁଠାରୁ ବଡ ବଡ଼ ରେଳ ପ୍ରକଳ୍ପ ମଧ୍ୟରୁ ଗୋଟିଏ ପ୍ରକଳ୍ପ ହେଉଛି ଉଦ୍ଧମପୁର-ଶ୍ରୀନଗର- ବାରମୂଲା ରେଳ ଲିଙ୍କ୍। ଜାମ୍ମୁ-କାଶ୍ମୀରର ସାମାଜିକ-ଆର୍ଥିକ ବିକାଶର ଏକ ନୂତନ କାହାଣୀ ଲେଖିଥିବା ଏହି ପ୍ରକଳ୍ପ କେବଳ ଇଞ୍ଜିନିୟରିଂର ଅଦ୍ଭୁତ ନିଦର୍ଶନ ଏବଂ ପ୍ରକୃତିକୁ ପରାସ୍ତ କରିବା ପାଇଁ ମଣିଷର ସଂକଳ୍ପର ଉଦାହରଣ ନୁହେଁ, ଏହା ତାଠାରୁ ମଧ୍ୟ ଅଧିକ। ଏହା ହେଉଛି ରାଜନୈତିକ ଇଚ୍ଛାଶକ୍ତିର ଏକ ଜ୍ୱଳନ୍ତ ଉଦାହରଣ। ହିମାଳୟର ଦୁର୍ଗମ ପାର୍ବତ୍ୟାଞ୍ଚଳରେ ୨୭୨ କିଲୋମିଟର ପର୍ଯ୍ୟନ୍ତ ବିସ୍ତାରିତ ଏହି ପ୍ରକଳ୍ପ ୪୩,୭୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଏଥିରେ ରହିଛି ୧୧୯ କିଲୋମିଟର ବ୍ୟାପି ୩୬ଟି ସୁଡ଼ଙ୍ଗ ଓ ୯୪୩ଟି ପୋଲ ଯାହାକି ଉପତ୍ୟକା, ପର୍ବତ ଶିଖର ଏବଂ ପର୍ବତପଥକୁ ସଂଯୋଗ କରୁଛି।

ଅଞ୍ଜି ଖାଦ...

ଭାରତର ପ୍ରଥମ କେବୁଲ୍ ସେତୁ

ଜାମ୍ମୁ ସହରରୁ ପ୍ରାୟ ୮୦ କିଲୋମିଟର ଦୂରରେ ଏହି ସେତୁ ଅଛି । ବରଫ ଆଚ୍ଛାଦିତ ପର୍ବତ ଶିଖର ମଧ୍ୟରେ ଏହି ସେତୁକୁ ଆକର୍ଷଣୀୟ ଭାବରେ ଡିଜାଇନ୍ କରାଯାଇଛି। ନଦୀଶଯ୍ୟାରୁ ଏହି ସେତୁର ଉଚ୍ଚତା ହେଉଛି ୩୩୧ ମିଟର । ଅଞ୍ଜି ଖାଦ ଉପରେ ଥିବା ମୁଖ୍ୟ ସେତୁଟି କେବୁଲ ଆଧାରିତ ଅଟେ । ମୁଖ୍ୟ ସେତୁଟି ୪୭୩.୨୫ ମିଟର ଲମ୍ବ ହୋଇଥିବା ବେଳେ ମୁଖ୍ୟ ସ୍ପାନ୍ ହେଉଛି ୨୯୦ ମିଟର। ଏହି ସେତୁକୁ ଧରି ରଖିଛନ୍ତି ୯୬ଟି ଉଚ୍ଚ-ଟେନସାଇଲ୍ କେବୁଲ୍ । ସମସ୍ତ କେବୁଲର ଦୈର୍ଘ୍ୟକୁ ମିଶାଇଲେ ତାହା ୬୫୩ କିଲୋମିଟର ହେବ। ଏହି ସେତୁଟି ଏମିତି ଡିଜାଇନ ହୋଇଛି ଯେ, ଏହା ଘଣ୍ଟା ପ୍ରତି ୨୩୧ ବେଗର ଝଡ଼ ପବନକୁ ମଧ୍ୟ ସହ୍ୟ କରିପାରିବ। ଏହି ସେତୁର ଡେକ୍ ଉପରେ ୪୦ କିଲୋଗ୍ରାମ ଟିଏନ୍‌ଟି (ବିସ୍ଫୋରକ) ବିସ୍ଫୋରଣ ହେଲେ ମଧ୍ୟ ଏହା କ୍ଷତିଗ୍ରସ୍ତ ହେବ ନାହିଁ।

ଜାମ୍ମୁ-ଶ୍ରୀନଗର ବନ୍ଦେ ଭାରତ ଏକ୍ସପ୍ରେସ୍

ଉଦ୍ଧମପୁର-ଶ୍ରୀନଗର-ବାରମୂଳା ରେଳ ଲିଙ୍କ୍ ଦେଇ ଜାମ୍ମୁ ଏବଂ ଶ୍ରୀନଗର ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳ ଆରମ୍ଭ କରାଯାଇଛି। ଏହି ରେଳ ଅନ୍ୟ ସାଧାରଣ ରେଳ ପରି ନୁହେଁ। ହିମାଳୟର ହାଡ଼ଭଙ୍ଗା ଶୀତକୁ ଏହା ଯେମିତି ସହ୍ୟ କରିପାରିବ, ସେମିତି ଭାବେ ତାକୁ ଡିଜାଇନ କରାଯାଇଛି। ଏହା ମାଇନସ୍ ୨୦ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ ମଧ୍ୟ ଆରାମରେ ଚାଲିଥାଏ, କୌଣସି ଅସୁବିଧା ହୁଏନି । ଏହାର ଉତ୍ତାପଯୁକ୍ତ ଓ୍ୱିଣ୍ଡ ସିଲ୍ଡ, ଉନ୍ନତ ଗରମ ବ୍ୟବସ୍ଥା ଓ ତାପମାତ୍ରାନିରୋଧୀ ଶୌଚାଳୟ ଯୋଗୁଁ ଟ୍ରେନ୍ ବର୍ଷ ସାରା ଆରାମରେ ଚାଲିଥାଏ । ବରଫ ଅପସାରଣ କରିବାକୁ ଏକ ଟ୍ରେନ୍ ଏହି ରୁଟ୍ ରେ ଆଗେ ଆଗେ ଚାଲିଥାଏ। ବରଫ ହଟାଇବା ଦ୍ୱାରା ମୁଖ୍ୟ ଟ୍ରେନଟି ବର୍ଷ ସାରା ଆରାମରେ ଚଳାଚଳ କରିଥାଏ। ଭୂମିକମ୍ପର ଝଟକା ସହ୍ୟ କରିବା ପାଇଁ ମଧ୍ୟ ଏଥିରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି, ଯାହା ଦ୍ୱାରା ଭୂମିକମ୍ପ ହେଲେ ମଧ୍ୟ ସେତୁର କୌଣସି କ୍ଷତି ହେବନାହିଁ ।

କଠିନ ଥିଲା। ଚେନାବ ଏବଂ ଅଞ୍ଜି ଖାଦ ସେତୁ ଉଦଘାଟନ କରିବା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, "ଆମର ସରକାର ଚ୍ୟାଲେଞ୍ଜକୁ ଚ୍ୟାଲେଞ୍ଜ କରିବାର ପଥ ବାଛିଛି।"

ଚେନାବ ଏବଂ ଅଞ୍ଜି ଖାଦ ସେତୁ ଉପରେ ଚାଲିବା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଭାରତର ଦୃଢ଼ ସଂକଳ୍ପ ଏବଂ ଇଞ୍ଜିନିୟର ତଥା ଶ୍ରମିକଙ୍କ ଦକ୍ଷତା ଏବଂ ସାହସକୁ ମୁଁ ଅନୁଭବ କରିଛି। ଚେନାବ ସେତୁ ହେଉଛି ବିଶ୍ୱର ସବୁଠାରୁ ଉଚ୍ଚ ଗୋଲାକୃତି ରେଳ ସେତୁ। ଲୋକମାନେ ଇଫିଲ ଟାୱାର ଦେଖିବାକୁ ଫ୍ରାନ୍ସର ପ୍ୟାରିସ ଯାଆନ୍ତି, କିନ୍ତୁ ଏହି ସେତୁ ଇଫିଲ ଟାୱାରଠାରୁ ମଧ୍ୟ ୩୫ ମିଟର ଉଚ୍ଚ। ଏବେ ଲୋକମାନେ ଚେନାବ ସେତୁ ଦେଇ କେବଳ କାଶ୍ମୀର ଦେଖିବାକୁ ଯିବେ ନାହିଁ, ବରଂ ଏହି ସେତୁ ନିଜେ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହୋଇଯିବ। ସମସ୍ତେ ସେଲ୍‌ଫି ପଏଣ୍ଟକୁ ଯିବେ ଏବଂ ସେଲ୍‌ଫି ନେବେ। ଅଞ୍ଜି ସେତୁ ମଧ୍ୟ ଇଞ୍ଜିନିୟରିଂର ଏକ ମହାନ ଉଦାହରଣ। ଏହି ଦୁଇଟି ସେତୁ କେବଳ ଇଟା, ସିମେଣ୍ଟ, ଇସ୍ପାତ ଏବଂ ଲୁହାର ସଂରଚନା ନୁହେଁ; ପିର ପଞ୍ଜାଲର ଦୁର୍ଗମ ପାହାଡ଼ ଉପରେ ଠିଆ ହୋଇଥିବା ଏହି ଦୁଇଟି ସେତୁ ହେଉଛି ଭାରତର ଶକ୍ତିର ଜୀବନ୍ତ ପ୍ରତୀକ। ଏହା ଦର୍ଶାଉଛି ଯେ, ବିକଶିତ ଭାରତର ସ୍ୱପ୍ନ ଯେତେ ବଡ଼, ଆମର ସାହସ ଏବଂ କ୍ଷମତା ସେତେ ଉଚ୍ଚ।

ଦକ୍ଷତା ବିକାଶ ... ଭବିଷ୍ୟତ ପାଇଁ ରାସ୍ତା

ମୋଟ ଜନସଂଖ୍ୟାର ୭୫ ପ୍ରତିଶତରୁ ଅଧିକ ଲୋକ କାମ କରିବାକୁ ସକ୍ଷମ ଥିବା ସହିତ ଭାରତ ହେଉଛି ବିଶ୍ୱର ସବୁଠୁ ଅଧିକ ଯୁବ ଜନସଂଖ୍ୟାର ଦେଶ। ଭବିଷ୍ୟତର ଶିକ୍ଷାୟନ ଓ ସେବା କ୍ଷେତ୍ରର ଆବଶ୍ୟକତାକୁ ଦେଖି ଯୁବପୀଢ଼ିକୁ ପ୍ରସ୍ତୁତ କରିବା ପାଇଁ ଜୁଲାଇ ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୌଶଳ ଭାରତ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ବର୍ଷ ଏହା ୧୦ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ଏହି ମିଶନ ଜରିଆରେ ୧.୬୩ କୋଟି ଯୁବକଯୁବତୀଙ୍କୁ ଟ୍ରେନିଂ ଦିଆଗଲାଣି। ଇଣ୍ଡିଆ ସ୍କିଲସ ରିପୋର୍ଟ ୨୦୨୩ ଅନୁସାରେ ୨୦୧୪ରେ ପ୍ରଶିକ୍ଷିତ ଯୁବକଯୁବତୀଙ୍କ ମଧ୍ୟରୁ ୩୩.୯ ପ୍ରତିଶତଙ୍କୁ ନିଯୁକ୍ତି ମିଳୁଥିବା ବେଳେ ବର୍ତ୍ତମାନ ୨୦୨୪ରେ ଏହା ୫୧.୩ ପ୍ରତିଶତକୁ ବୃଦ୍ଧି ପାଇଛି।

ଗତ ୧୧ ବର୍ଷ ମଧ୍ୟରେ ଭବିଷ୍ୟତର ଆବଶ୍ୟକତା ଅନୁଯାୟୀ ଦକ୍ଷତା ଏବଂ ଶିକ୍ଷଣ ପରିସ୍ଥିତିକୁ ଭାରତ ନୂଆ ରୂପ ଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ନଭେମ୍ବରରେ ଏଥିପାଇଁ ସ୍ୱତନ୍ତ୍ର ଭାବେ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପ୍ରତିଷ୍ଠା କରିଥିଲେ। ଏହା ପରେ ୨୦୧୫ରେ ଜୁଲାଇ ୧୫ ତାରିଖରେ କୌଶଳ ଭାରତ ମିଶନର ଶୁଭାରମ୍ଭ କରାଯାଇଥିଲା। ଗତ ଦଶନ୍ଧିରେ ଦକ୍ଷତା ସଂପର୍କିତ କାର୍ଯ୍ୟକ୍ରମର ବିସ୍ତୃତ ନେଟୱର୍କ ଜରିଆରେ କୋଟି କୋଟି ଗରିବ ଯୁବକ ଯୁବତୀଙ୍କୁ ଦକ୍ଷତାସଂପନ୍ନ କରାଯାଇଛି।

ଦକ୍ଷତା ଓ କ୍ଷମତା ପକେଟକୁ କେବଳ ପଇସା ଆଣନ୍ତି ନାହିଁ। ଜୀବନରେ ଏସବୁ ନୂଆ ଶକ୍ତି, ଆତ୍ମବିଶ୍ୱାସ ପ୍ରଦାନ କରନ୍ତି। ଯିଏ ଦକ୍ଷ ହୋଇଥିବ, ତାର ଆତ୍ମବିଶ୍ୱାସ ରହେ ଯେ, ମୁଁ ଦୁନିଆର ଯେକୌଣସି ସ୍ଥାନକୁ ଗଲେ ମଧ୍ୟ ମୋ ପାଖରେ ଶକ୍ତି ଅଛି, ମୁଁ ରୋଜଗାର କରି ମୋର ପେଟ ପୋଷି ପାରିବି ଏବଂ ମତେ ଭିକ ମାଗିବାକୁ ପଡ଼ିବ ନାହିଁ।

- ନରେନ୍ଦ୍ର ମୋଦୀ,
ପ୍ରଧାନମନ୍ତ୍ରୀ



ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛନ୍ତି କାର୍ଯ୍ୟବଳ

6.42+ କୋଟିରୁ ଅଧିକ ଲୋକଙ୍କୁ ଗତ ଦଶନ୍ଧିରେ ବିଭିନ୍ନ କାର୍ଯ୍ୟକ୍ରମରେ ତାଲିମ ଦିଆଯାଇଛି

ଦକ୍ଷତା ବିକାଶ ଯୋଜନାରେ ପ୍ରଶିକ୍ଷଣ



(୧୮ ଏପ୍ରିଲ ୨୦୨୫ ସୁଦ୍ଧା)

- ୨୦୧୬ରୁ ସିଧାସଳଖ ବୃତ୍ତି ପ୍ରଦାନ କରି ଜାତୀୟ ଆପରେଣ୍ଟିସିପ୍ ପ୍ରମୋସନ ଯୋଜନାରେ ସିଧାସଳଖ ୪୦ ଲକ୍ଷ ଟ୍ରେନିଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କ ମଧ୍ୟରୁ ୨୧ ପ୍ରତିଶତରୁ ଅଧିକ ହେଉଛନ୍ତି ମହିଳା।

30 କୋଟିରୁ ଅଧିକ ଗରିବ ଲୋକଙ୍କୁ ୨୦୧୮ରୁ ୨୦୨୪ ଡିସେମ୍ବର ମଧ୍ୟରେ ଜନ ଶିକ୍ଷଣ ସଂସ୍ଥାନରେ ତାଲିମ ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରୁ ୮୨ ପ୍ରତିଶତ ହିତାଧିକାରୀ ହେଉଛନ୍ତି ମହିଳା।

- କ୍ରାଫ୍‌ଟ୍‌ସ୍ମ୍ୟାନ ଟ୍ରେନିଂ ଯୋଜନାରେ ୨୦୧୮ରୁ ୨୦୨୪ ମଧ୍ୟରେ ସାରା ଦେଶର ଆଇଟିଆଇରେ ୮୦ ଲକ୍ଷ ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯାଇଛି। ସାରା ଦେଶରେ ଏବେ ୧୪, ୬୧୫ଟି ଆଇଟିଆଇ ଅଛି , ୨୦୧୪ ବେଳକୁ ଦେଶରେ କେବଳ ୯୯୬୬ଟି ଆଇଟିଆଇ ଥିଲା

- ୨୦୨୨-୨୩ ଓ ୨୦୨୩-୨୪ ମଧ୍ୟରେ ଏଗ୍ରିକଲଚରାଲ୍ ଟେକ୍ନୋଲଜି ମ୍ୟାନେଜମେଣ୍ଟ ଏଜେନ୍‌ସି(ଏଟିଏମ୍‌ଏ) ଅଧୀନରେ କୃଷି, ଉଦ୍ୟାନକୃଷି, ମତ୍ସ୍ୟ ଓ ପ୍ରାଣୀ ସଂପଦ, ମହୁମାଛି ପାଳନ ପରି ବିଭିନ୍ନ କ୍ଷେତ୍ରରେ ୭୬.୭୨ ଲକ୍ଷ ଚାଷୀଙ୍କୁ ତାଲିମ୍ ପ୍ରଦାନ କରାଯାଇଛି।

6.14 ଲକ୍ଷ ଯୁବକଯୁବତୀଙ୍କୁ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ପ୍ରଶିକ୍ଷଣ ଦିଆଯାଇଛି।

କୃତ୍ରିମ ବୁଦ୍ଧିମତ୍ତାର ଦକ୍ଷତା ରାଜଧାନୀ ହେବାକୁ ଯାଉଛି ଭାରତ

ଅଧିକାଂଶ ନିର୍ଭରଯୋଗ୍ୟ ରାଙ୍କିଂ ଅନୁସାରେ ଏଆଇ ଦକ୍ଷତା, ଏଆଇ କ୍ଷମତା ଓ ଏଆଇ ବ୍ୟବହାର ନୀତିକୁ ବିଭିନ୍ନ ଦେଶ ମଧ୍ୟରେ ଭାରତକୁ ଶୀର୍ଷସ୍ତରରେ ଗଣତି କରାଯାଏ। ୪୨ଟି ସୂଚକାଙ୍କକୁ ନେଇ ପ୍ରସ୍ତୁତ ବିଶ୍ୱ ଜାତୀୟ ଏଆଇ ଲିଭେରିଲିଟି ରାଙ୍କିଂରେ ଷ୍ଟାନଫୋର୍ଡ ୟୁନିଭରସିଟି ଆମେରିକା, ଚୀନ ଓ ୟୁକେ ସହିତ ଭାରତକୁ ଚତୁର୍ଥ ସ୍ଥାନ ପ୍ରଦାନ କରିଛି। ବିଶ୍ୱର ସମସ୍ତ ପ୍ରକଳ୍ପର ୨୪ ପ୍ରତିଶତ ସହିତ ଭାରତକୁ ପ୍ରଥମ ସ୍ଥାନ ପ୍ରଦାନ କରିଛି ଜିଟହବ୍ । ୭ ମାର୍ଚ୍ଚ ୨୦୨୪ରେ ଭାରତ ଗୋଟିଏ ଏଆଇ ମିଶନକୁ ଅନୁମୋଦନ କରିଛି। ଦେଶର ବିକାଶ ଲକ୍ଷ୍ୟ ଅନୁସାରେ ଏକ ଦୃଢ଼ ଓ ବ୍ୟାପକ ଏଆଇ ବ୍ୟବସ୍ଥା ପ୍ରତିଷ୍ଠା କରିବା ହେଉଛି ଏହାର ଉଦ୍ଦେଶ୍ୟ।

17.44 ଲକ୍ଷ ଯୁବକଯୁବତୀଙ୍କୁ ଗ୍ରାମୀଣ ସ୍ୱୟଂ ନିଯୁକ୍ତି ଟ୍ରେନିଂ ସଂସ୍ଥାନରେ ତାଲିମ ପ୍ରଦାନ କରାଯାଇଛି।

କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ ଓ ଡାଟା ପରି ଅତ୍ୟାଧୁନିକ କ୍ଷେତ୍ରରେ ୪ ଲକ୍ଷରୁ ଅଧିକ ଯୁବକ ଯୁବତୀଙ୍କୁ କୌଶଳ ଭାରତ ମିଶନ୍ ଜରିଆରେ ତାଲିମ୍ ପ୍ରଦାନ କରାଯାଇଛି।

କୌଶଳ ଭାରତ କେନ୍ଦ୍ର ଭାବେ **1,000** ରୁ ଅଧିକ ଶିକ୍ଷାନୁଷ୍ଠାନକୁ ସଂଯୋଗ କରାଯାଇଛି।

ବିଭିନ୍ନ କ୍ଷେତ୍ର ଓ ଶିଳ୍ପର ଆବଶ୍ୟକତା ଅନୁସାରେ ଯୁବକ ଯୁବତୀଙ୍କୁ ଦକ୍ଷତା ସଂପନ୍ନ କରି ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ହେଉଛି ସ୍କିଲ୍ ଇଣ୍ଡିଆ ମିଶନର ଲକ୍ଷ୍ୟ । ଏହି ମିଶନ ଅଧୀନରେ ଭାରତ ସରକାର କୌଶଳ ବିକାଶ କେନ୍ଦ୍ର ଓ ଏହା ସହିତ ସଂଯୁକ୍ତ ହୋଇଥିବା ସାରା ଦେଶର ଶିକ୍ଷାନୁଷ୍ଠାନ ଜରିଆରେ ଯୁବକ ଯୁବତୀଙ୍କୁ ଦକ୍ଷ, ପୁନଃଦକ୍ଷ ଓ ଅଧିକ ଦକ୍ଷ କରାନ୍ତି। ଏହି ମିଶନ ଜରିଆରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (ପିଏମ୍‌କେଭିଓ୍ୱାଇ), ଜନ ଶିକ୍ଷଣ ସଂସ୍ଥାନ, ନ୍ୟାସନାଲ ଆପ୍ରେଣ୍ଟିସିପ୍ ପ୍ରମୋଶନ ସ୍କିମ ଓ କ୍ରାଫ୍ଟସମ୍ୟାନ ଟ୍ରେନିଂ ସ୍କିମରେ ଯୁବକ ଯୁବତୀଙ୍କୁ ଦକ୍ଷ କରିବାକୁ କାମ କରାଯାଉଛି।

ଏହା ସହିତ ଗ୍ରାମାଞ୍ଚଳ ସ୍ତରରେ ଯୁବଗୋଷ୍ଠୀଙ୍କୁ କୃଷି ବିକାଶ ମନ୍ତ୍ରାଳୟ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା ଓ ଗ୍ରାମୀଣ ସ୍ୱଂୟନିଯୁକ୍ତି ତାଲିମ କେନ୍ଦ୍ର ଜରିଆରେ ମଧ୍ୟ ଦକ୍ଷତା ପ୍ରଦାନ କରାଯାଉଛି। ଗତ ଦଶନ୍ଧିରେ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ୬ କୋଟିରୁ ଅଧିକ ଯୁବକଯୁବତୀ ଓ ଗରିବ ଲୋକଙ୍କୁ ଦେଶର ଭବିଷ୍ୟତ ଅନୁକୂଳ ତାଲିମ ପ୍ରଦାନ କରାଯାଇ ସେମାନଙ୍କୁ ପ୍ରସ୍ତୁତ କରାଯାଇଛି।

ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା-ପିଏମକେଭିପିୱାଇ-୪.୦

